# ଏକକ-୭ ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣର ଯୋଜନା ଓ ପରିଚାଳନା

ଟିପ୍ପଣୀ

## ସଂରଚନା


୭.୦ ଉପକ୍ରମ

୭.୧ ଶିକ୍ଷଣ ଉଦ୍ଦେଶ୍ୟ

୭.୨ ପ୍ରାରମ୍ଭିକ ଶିକ୍ଷା ପରିଚାଳନାର ବିକେନ୍ଦ୍ରୀକରଣ

୭.୨.୧ କେନ୍ଦ୍ରୀଭୂତ ବନାମ ବିକେନ୍ଦ୍ରୀକୃତ ବ୍ୟବସ୍ଥା

୭.୨.୨ ବିକେନ୍ଦ୍ରୀକରଣ ପ୍ରସଙ୍ଗରେ ଭାରତର ଅଭିଜ୍ଞତା

୭.୩ ଅଣୁ (Micro)ସ୍ତରୀୟ ଯୋଜନା

୭.୩.୧ ଯୋଜନାର ଅର୍ଥ

୭.୩.୨ ଅଣୁ ଯୋଜନା

୭.୩.୩ ଅଣୁ ଯୋଜନା ପ୍ରକ୍ରିୟାରେ ଗୋଷ୍ଠୀ ସମ୍ପୃକ୍ତିର ସୋପାନ

୭.୩.୪ DEO, DRC (DIET), BEO, BRC ଏବଂ CRC ମାନଙ୍କର ଭୂମିକା ଓ ଦାୟିତ୍ୱ

୭.୪ ପ୍ରାରମ୍ଭିକ ଶିକ୍ଷାରେ ପରିଚାଳନା ଓ ଶାସନ ଗତ ସମସ୍ୟା

୭.୪.୧ ଶାସନ ସମ୍ବନ୍ଧୀୟ ସମସ୍ୟା

୭.୪.୨ ଶିକ୍ଷକ ନିଯୁକ୍ତି ଓ ପରିଚାଳନା

୭.୪.୩ ବିଦ୍ୟାଳୟ ପରିଚାଳନା କମିଟିର ଭୂମିକା

୭.୫ ବିଦ୍ୟାଳୟ ପରିଚାଳନା ବନାମ ଶିକ୍ଷା ଅଧିକାର ଆଇନ, ୨୦୦୯ (R.T.E.-୨୦୦୯)

୭.୬ ଫଳପ୍ରଦ ପରିଚାଳନା ଓ କ୍ଷମତା ବୃଦ୍ଧି ପାଇଁ ନେଟ୍‌ୱାର୍କିଂ

୭.୬.୧ UEE ପରିଚାଳନା ପାଇଁ ସୂଚନା ଓ ଯୋଗାଯୋଗ ଜ୍ଞାନକୌଶଳ

୭.୬.୨ ସ୍କୁଲ୍ (ବିଦ୍ୟାଳୟ) ନେଟ୍ କ'ଣ ?

୭.୬.୩ ସ୍କୁଲ୍ (ବିଦ୍ୟାଳୟ) ନେଟ୍‌ର କାର୍ଯ୍ୟାବଳୀ

୭.୬.୪ ସ୍କୁଲ୍ ନେଟ୍: ଏକ ଶିକ୍ଷା ପରିଚାଳନା ସୂଚନା ବ୍ୟବସ୍ଥା

୭.୭ ବିତ୍ତୀୟ ଯୋଗାଣ ବ୍ୟବସ୍ଥା

୭.୮ ସାରାଂଶ

୭.୯ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ

୭.୧୦ ପାଠାନ୍ତ ପ୍ରଶ୍ନାବଳୀ

ଟିପ୍ପଣୀ

## ୭.୦ ଉପକ୍ରମ

ଶିକ୍ଷା ଅଧିକାର ଆଇନ-୨୦୦୯ ଅନୁସାରେ ୬ରୁ ୧୪ ବର୍ଷ ବୟସର ସବୁ ପିଲାଙ୍କ ପାଇଁ ପ୍ରାରମ୍ଭିକ ଶିକ୍ଷା ଏକ ମୌଳିକ ଅଧିକାର ବୋଲି ୫ ଓ ୬ ଏକକରେ ତୁମେ ପଢ଼ିଛ। ଏହି ଏକକରେ ପ୍ରାଥମିକ ଶିକ୍ଷାର ସାର୍ବଜନୀନକରଣ ପାଇଁ ଗୃହୀତ କାର୍ଯ୍ୟନୀତି ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଜଣେ ଶିକ୍ଷକଭାବେ ଶିକ୍ଷା ଅଧିକାର ଆଇନର ମୂଳତତ୍ତ୍ୱକୁ ବିଦ୍ୟାଳୟରେ କାର୍ଯ୍ୟକାରୀ କରିବା ତୁମମାନଙ୍କ କର୍ତ୍ତବ୍ୟ। ଇତି ମଧ୍ୟରେ ତୁମେ ଅନୁଭବ କରିପାରୁଥିବ ଯେ ବିଦ୍ୟାଳୟ ଆସୁନଥିବା ସମସ୍ତ ଦିବ୍ୟାଙ୍ଗ ପିଲା, ଅନୁସୂଚୀତ ଜାତି, ଅନୁସୂଚିତ ଜନଜାତିର ପିଲା, ସଂଖ୍ୟାଲଘୁ ସମ୍ପ୍ରଦାୟର ପିଲା, ପ୍ରବାସୀ ପରିବାରର ପିଲା ଏବଂ କର୍ମଜୀବୀ ପିଲାଙ୍କୁ ବିଦ୍ୟାଳୟକୁ ଆଣିବା ପାଇଁ ସରକାର ସମସ୍ତ ଉଦ୍ୟମ ଜାରି ରଖିଛନ୍ତି। ଉପର ଲିଖିତ ପିଲାଙ୍କ ମଧ୍ୟରୁ ଅଧିକାଂଶ ବିଦ୍ୟାଳୟ ମାଟି ମାଡ଼ି ନାହାନ୍ତି ବା ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡ଼ିଛନ୍ତି।

ଏକକ ୪ ଓ ୫ରେ ଆଲୋଚିତ ହୋଇଥିବା ପରି ସମସ୍ତଙ୍କ ପାଇଁ ଶିକ୍ଷା ଉପଲବ୍ଧ କରାଇବା ନିମନ୍ତେ ସରକାର ଶିକ୍ଷା ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ତୃଣମୂଳ ସ୍ତରରୁ ଶୀର୍ଷସ୍ତର ପର୍ଯ୍ୟନ୍ତ ବ୍ୟାପକ ଯୋଜନା ପ୍ରସ୍ତୁତ କରିଛନ୍ତି। ତୁମେ ଜଣେ ଶିକ୍ଷକ ଭାବରେ ଏହି ସବୁ ପିଲାଙ୍କୁ ଜାତି, ଧର୍ମ, ବର୍ଣ୍ଣ ଓ ସ୍ଥିତି ନିର୍ବିଶେଷରେ ସେମାନଙ୍କ ଶିକ୍ଷାଗତ ଅଧିକାର ପ୍ରଦାନରେ ସହାୟତା ପାଇଁ ଆଇନ ଓ ଶାସନ କଳର ବ୍ୟବହାର ସମ୍ପର୍କରେ ଏହି ଅଧ୍ୟାୟରେ ପଢ଼ିବ। ଏଥି ପାଇଁ ତୁମକୁ ଜାତୀୟ, ରାଜ୍ୟ, ଜିଲା, ଗୋଷ୍ଠୀ ଏବଂ ଗ୍ରାମ୍ୟ ସ୍ତରରେ UEE କାର୍ଯ୍ୟାନ୍ୱୟନ ଯୋଜନା ବିଷୟରେ ବୁଝିବାକୁ ପଡ଼ିବ। ତୁମ ବିଦ୍ୟାଳୟ/ସଂଗଠନ ପାଇଁ ଉପଲବ୍ଧ ସମ୍ବଳ ପାଇବା ନିମନ୍ତେ କାହାକୁ ଯୋଗାଯୋଗ କରିବ, ଓ କେଉଁ ପଦ୍ଧତି ଆପଣେଇବାକୁ ପଡ଼ିବ ଏ ବିଷୟରେ ଏହା ତୁମକୁ ସାହାଯ୍ୟ କରିବ। ଏହି ଜ୍ଞାନ ତୁମକୁ ବିଦ୍ୟାଳୟ ଓ ସ୍ଥାନୀୟ ପ୍ରଶାସନ ସ୍ତରରେ ଅର୍ଥପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ମଧ୍ୟ ସାହାଯ୍ୟ କରିବ।



ଟିପ୍ପଣୀ

## ୭.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକ ଅଧ୍ୟୟନ ପରେ ତୁମେ ଜାଣିବାକୁ ସକ୍ଷମ ହେବ:

- ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ ପାଇଁ ବିଭିନ୍ନ ଯୋଜନା ଆପଣେଇବା ସଂକ୍ରାନ୍ତ ଆଲୋଚନା, ବିଭିନ୍ନ ସମ୍ବଳ ଚିହ୍ନଟ କରିବା
- ତୁମ ବିଦ୍ୟାଳୟ ଆଖପାଖରୁ ଆସୁଥିବା ପିଲାମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ବିଶ୍ଳେଷଣ କରିବା
- ତୁମ ବିଦ୍ୟାଳୟ ଅବସ୍ଥିତ ଥିବା ଅଞ୍ଚଳରେ ଗୋଷ୍ଠୀ ସମ୍ବଳ ଏବଂ ବିଶେଷଜ୍ଞଙ୍କ ଉପଲବ୍ଧି ସଂକ୍ରାନ୍ତରେ ଆଲୋଚନା କରିବା
- ପିଲାମାନଙ୍କ ପାଇଁ ପ୍ରାରମ୍ଭିକ ଶିକ୍ଷାକୁ ରୋଚକ, ଆନନ୍ଦଦାୟକ ଓ ପ୍ରାସଙ୍ଗିକ କରିବାକୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଯୋଜନା ଓ କାର୍ଯ୍ୟାନ୍ୱୟନ ଯୋଜନା କରିବା
- ଶିକ୍ଷାଦାନ ସମୟରେ ତୁମେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ ନିମନ୍ତେ ପିତାମାତା, ବିଦ୍ୟାଳୟ ପରିଚାଳନା କମିଟି, ସ୍ଥାନୀୟ ପ୍ରଶାସନର ସଦସ୍ୟ, ସ୍ଥାନୀୟ ନେତା, ବିଶେଷଜ୍ଞ ଏବଂ ଅନ୍ୟ ସଂଗଠନର ଭୂମିକା ବର୍ଣ୍ଣନା କରିବା

ପ୍ରାଥମିକ ଶିକ୍ଷାର ସାର୍ବଜନୀନକରଣ ପାଇଁ ଗୃହୀତ କାର୍ଯ୍ୟନୀତି UEE ଯୋଜନା ଓ ପରିଚାଳନାର ଏକ ରୂପରେଖ ଓ ସନ୍ଦର୍ଭ ବିନ୍ଦୁ ପରି କାର୍ଯ୍ୟ କରୁଛି। ଉପଲବ୍ଧ ସମ୍ବଳର ସଦୁପଯୋଗ ଦ୍ୱାରା ଲକ୍ଷ୍ୟହାସଲ ପାଇଁ ଯୋଜନା ହିଁ 'କାର୍ଯ୍ୟନୀତି' ଅଟେ।

## ୭.୨ ପ୍ରାରମ୍ଭିକ ଶିକ୍ଷା ପରିଚାଳନାର ବିକେନ୍ଦ୍ରୀକରଣ

### ୭.୨.୧ କେନ୍ଦ୍ରୀଭୂତ ବନାମ ବିକେନ୍ଦ୍ରୀକୃତ ବ୍ୟବସ୍ଥା

ଏକ କେନ୍ଦ୍ରୀଭୂତ ଶିକ୍ଷା ବ୍ୟବସ୍ଥାରେ ଅଧିକାଂଶ ନିଷ୍ପତ୍ତି, ତଦାରଖ ଏବଂ ପରିଚାଳନା କାର୍ଯ୍ୟ ଜାତୀୟ ସ୍ତରରେ ଶିକ୍ଷା ମନ୍ତ୍ରଣାଳୟ ଏବଂ ରାଜ୍ୟ ସ୍ତରରେ ଶିକ୍ଷା ବିଭାଗ ହାତରେ ଠୁଳ ହୋଇଥାଏ। କେନ୍ଦ୍ର ଓ ରାଜ୍ୟ ସରକାର ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ସମସ୍ତ ଦିଗକୁ ନିୟନ୍ତ୍ରଣ କରିଥାନ୍ତି। ସେମାନେ ନୀତି ନିର୍ଦ୍ଧାରଣ କରନ୍ତି ଏବଂ ପରିଚାଳନା କାର୍ଯ୍ୟ ଯଥା- ଶିକ୍ଷକଙ୍କୁ

ଟିପ୍ପଣୀ

ବେତନ ପ୍ରଦାନ, ପ୍ରାକ୍ ସେବା ଓ ସେବାକାଳୀନ ଶିକ୍ଷା ପ୍ରଦାନ, ପାଠ୍ୟକ୍ରମ ପ୍ରସ୍ତୁତି, ଶିକ୍ଷଣର ସର୍ବନିମ୍ନ ସ୍ତର ଆଦି କାର୍ଯ୍ୟ ସ୍ଥିର କରିଥାନ୍ତି। ଯେହେତୁ କିଛି ଘଟଣାର ସମାଧାନ ସ୍ଥାନୀୟ ସମସ୍ୟା ଭିତ୍ତିରେ କରିବାକୁ ପଡ଼େ, ସେଥିପାଇଁ ଦୈନନ୍ଦିନ କାର୍ଯ୍ୟକ୍ରମରେ ବିଦ୍ୟାଳୟ କର୍ମକର୍ତ୍ତାଙ୍କୁ କେତେକ କ୍ଷମତା ପ୍ରଦାନ କରାଯାଇଥାଏ। ମାତ୍ର ପାଠ୍ୟଖସଡ଼ା, ପାଠ୍ୟପୁସ୍ତକ, ଶିକ୍ଷାଦାନର ମାଧ୍ୟମ ଇତ୍ୟାଦି ପରିବର୍ତ୍ତନ କରିବାରେ ଶିକ୍ଷକ କିମ୍ବା ବିଦ୍ୟାଳୟର ସ୍ୱଳ୍ପ ଭୂମିକା ରହିଛି।

ଅନ୍ୟ ପଟେ, ବିକେନ୍ଦ୍ରୀକୃତ ବ୍ୟବସ୍ଥାରେ ସ୍ଥାନୀୟ/ଜିଲା/ଗ୍ରାମ/ବିଦ୍ୟାଳୟ ସ୍ତରରେ ପ୍ରାଥମିକ ଶିକ୍ଷାର ବିଭିନ୍ନ ଦିଗର ପର୍ଯ୍ୟାପ୍ତ ଅଧିକାର ରହିଥିବା ବେଳେ କେନ୍ଦ୍ର, ରାଜ୍ୟ ଓ ଜିଲାସ୍ତରୀୟ ଅଧିକାରୀଙ୍କ ହାତରେ କେତେକ ସୀମିତ ପ୍ରସଙ୍ଗର ନିୟନ୍ତ୍ରଣ ଭାର ନ୍ୟସ୍ତ ଥାଏ। ବସ୍ତୁତଃ ଅଧିକାଂଶ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଉଭୟ କେନ୍ଦ୍ରୀଭୂତ ଓ ବିକେନ୍ଦ୍ରୀକୃତ ଉପାଦାନ ରହିଛି।

କେତେକ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷାର ବିକେନ୍ଦ୍ରୀକରଣ ପ୍ରକ୍ରିୟା ଆରମ୍ଭ କରିସାରିଛନ୍ତି। ପ୍ରାଥମିକ ଶିକ୍ଷା ପ୍ରଦାନ ଓ ଉତ୍ତରଦାୟିତ୍ୱର ଏକ ଢାଞ୍ଚା ପାଇଁ ଏକ ଅନୁକ୍ରିୟାଶୀଳ ବ୍ୟବସ୍ଥାର ପରିବର୍ତ୍ତିତ ରୂପ ପ୍ରସ୍ତୁତି ତଥା ପରିଚାଳନା ପାଇଁ କେତେକ ରାଜ୍ୟ ସରକାର ମଧ୍ୟ ନୂଆ ଆଇନ ପ୍ରଣୟନ କରିଛନ୍ତି। କିଛି ରାଜ୍ୟ ସରକାର ଜିଲା ସ୍ତରରେ ପ୍ରାରମ୍ଭିକ ଶିକ୍ଷା ପ୍ରଦାନ ପାଇଁ ଗୋଷ୍ଠୀ ଓ ବେସରକାରୀ ସଂଗଠନର ସକ୍ରିୟ ଭାଗିଦାରୀକୁ ଅଧିକ ସମର୍ଥନ କରୁଛନ୍ତି। ମୋଟାମୋଟି ଭାବେ କେନ୍ଦ୍ରୀଭୂତ ବ୍ୟବସ୍ଥାରୁ ବିକେନ୍ଦ୍ରୀକୃତ ବ୍ୟବସ୍ଥାକୁ ପରିବର୍ତ୍ତନ ଏକ ମନ୍ଥର ପ୍ରକ୍ରିୟା। ଏକ ବିକେନ୍ଦ୍ରୀକୃତ ପ୍ରାରମ୍ଭିକ ଶିକ୍ଷା ବ୍ୟବସ୍ଥା ଲକ୍ଷ୍ୟ ହାସଲ ପାଇଁ ଦେଶ ଏବେ ନିଷ୍ପତ୍ତିଗ୍ରହଣ ଦୃଷ୍ଟିଭଙ୍ଗୀ ରାଜ୍ୟରୁ ଜିଲା, ଉପଜିଲା ଏବଂ ସମ୍ପ୍ରଦାୟ ସ୍ତରକୁ ସ୍ଥାନାନ୍ତର କରିବା ଜାରି ରଖିଛି।

ବିକେନ୍ଦ୍ରୀକରଣର ଫଳସ୍ୱରୂପ ଜିଲା ଏବଂ ଉପଜିଲାସ୍ତରୀୟ କର୍ତ୍ତୃପକ୍ଷ ଓ ଅଧିକାରୀଙ୍କ ହାତରେ ଅଧିକ ଦାୟିତ୍ୱ ନ୍ୟସ୍ତ ଥାଏ ଏବଂ ସେମାନେ ଶୈକ୍ଷିକ ସେବାକୁ ଅଧିକ ଉପଯୋଗୀ କରନ୍ତି ଏବଂ ଶିକ୍ଷକ, ବିଦ୍ୟାଳୟ ଏବଂ ସ୍ଥାନୀୟ ପ୍ରଶାସନକୁ ପିଲାଙ୍କ ଶୈକ୍ଷିକ ଆବଶ୍ୟକତା ପ୍ରତି ଅଧିକ ଦାୟିତ୍ୱସମ୍ପନ୍ନ କରାନ୍ତି।



ଟିପ୍ପଣୀ

ବିକେନ୍ଦ୍ରୀକରଣର ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ହେଲା ପ୍ରାରମ୍ଭିକ ଶିକ୍ଷାର ସମାନତା ଏବଂ ସମ୍ମିଳନ (Inclusiveness)କୁ ସୁନିଶ୍ଚିତ କରିବା। ମାତ୍ର ଉପଯୁକ୍ତ ତଥା ଯୋଜନାବଦ୍ଧ ସଂସ୍କାର ବ୍ୟବସ୍ଥା ଓ ସଠିକ୍ ରୂପାୟନ ବିନା ଏହି ଉଦ୍ଦେଶ୍ୟ ପୂର୍ଣ୍ଣରୂପେ ହାସଲ ହୋଇପାରିବ ନାହିଁ।

ଜାତୀୟ ଶିକ୍ଷାନୀତି ୧୯୮୬ରେ ଲିଖିତ ଏବଂ ପରବର୍ତ୍ତୀ ସମୟରେ ବିଭିନ୍ନ କମିଟିର ଗୁରୁତ୍ୱାରୋପ ଅନୁସାରେ, କେନ୍ଦ୍ର ସରକାର ଆନୁଷ୍ଠାନିକ ସଂସ୍କାରର ସମନ୍ୱୟନ ତଥା ରାଜ୍ୟ ସ୍ତରରେ ପ୍ରାରମ୍ଭିକ ଶିକ୍ଷାର ଜାତୀୟ ଲକ୍ଷ୍ୟ ହାସଲ ପାଇଁ ହେଉଥିବା ପ୍ରଗତିର ସମୀକ୍ଷା ନିମନ୍ତେ ଏକ ପ୍ରମୁଖ ଭୂମିକା ତୁଲାଇ ଚାଲିବେ।

ଶିକ୍ଷାର ବିକେନ୍ଦ୍ରୀକରଣରେ କେତେକ ଦୋଷତ୍ରୁଟି ମଧ୍ୟ ରହିଛି। ପ୍ରାରମ୍ଭିକ ଶିକ୍ଷା ପାଇଁ ପାଣ୍ଠି ଯୋଗାଣ ଏବଂ କ୍ଷମତା ଓ ଦାୟିତ୍ୱର ବଣ୍ଟନ ସ୍ଥାନୀୟ ଉତ୍ତରଦାୟିତ୍ୱ ଓ ଦକ୍ଷତାକୁ ପ୍ରଭାବିତ କରିବା ଆଶଙ୍କା ରହିଛି। UEE ର ଉଦ୍ଦେଶ୍ୟ ହାସଲ ନହେବା ପାଇଁ ପ୍ରତ୍ୟେକ ଅଂଶୀଦାର ପରସ୍ପରକୁ ଦୋଷାରୋପ କରନ୍ତି।

ପ୍ରାରମ୍ଭିକ ଶିକ୍ଷାର ବିକେନ୍ଦ୍ରୀକୃତ ଯୋଜନା ଓ ପରିଚାଳନାର ବିଚାର ଜାତୀୟ ଶିକ୍ଷା ନୀତି ୧୯୮୬ ଦ୍ୱାରା ସ୍ଥାପିତ ଏକ ଲକ୍ଷ୍ୟ ଅଟେ। ନୀତିଦୃଷ୍ଟିରେ, ପ୍ରାରମ୍ଭିକ ଶିକ୍ଷାର ପରିଚାଳନା ପାଇଁ ଗ୍ରାମ୍ୟ ଶିକ୍ଷା କମିଟି (VEC) ଜରିଆରେ ଗୋଷ୍ଠୀର ପ୍ରତ୍ୟକ୍ଷ ସମ୍ପୃକ୍ତି। କାର୍ଯ୍ୟାନ୍ୱୟନ ଯୋଜନା (POA) ୧୯୯୨ ପ୍ରତ୍ୟେକ ଶିଶୁର ଶୈକ୍ଷିକ ପ୍ରଗତିର ନିୟମିତ ଅନୁଧ୍ୟାନ କରିବା ପ୍ରକ୍ରିୟାଭାବେ ଅଣୁ ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲା ଏବଂ ପ୍ରତ୍ୟେକ ପିଲା ଯେମିତି ନିଜ ପସନ୍ଦର ସ୍ଥାନରେ ଶିକ୍ଷାଲାଭ କରିବେ ଏବଂ ଅତି କମ୍‌ରେ ଆଠ ବର୍ଷ (ପ୍ରାରମ୍ଭିକ ଶିକ୍ଷା)ର ଶିକ୍ଷା ଶେଷ କରିବେ ତାହା ନିଶ୍ଚିତ କରୁଥିଲା।

### ୭.୨.୨ ବିକେନ୍ଦ୍ରୀକରଣ ପ୍ରସଙ୍ଗରେ ଭାରତର ଅଭିଜ୍ଞତା

ତୁମେ ଏକମତ ହେବ ଯେ ସମାଜର ଅଂଶବିଶେଷ ଥିବା ଶିକ୍ଷା ବ୍ୟବସ୍ଥା ଏହା ବ୍ୟତିରେକ କାର୍ଯ୍ୟ କରିପାରିବ ନାହିଁ। ଆମ ସାମାଜିକ ବ୍ୟବସ୍ଥା ଶ୍ରେଣୀ, ଜାତି, ଲିଙ୍ଗ ଏବଂ ଧର୍ମ ଆଧାରରେ ବିଭିନ୍ନ ଭାଗରେ ବିଭକ୍ତ। ଅବହେଳିତ ବର୍ଗର ଅନେକ ଲୋକ ବାସଗୃହ, ପାନୀୟଜଳ, ପରିମଳ, ବିଦ୍ୟୁତ, ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷା ପରି ମୌଳିକ ଆବଶ୍ୟକତାରୁ ବଞ୍ଚିତ। ମୌଳିକ ଶିକ୍ଷା ବିନା ସେମାନେ ଜୀବନ ଜୀଇଁବାର ସଂଗ୍ରାମ ଚଳାଇଛନ୍ତି।

ଟିପ୍ପଣୀ

ସମ୍ବିଧାନର ୭୩ତମ ଓ ୭୪ତମ ସଂଶୋଧନ ସ୍ଥାନୀୟ ସ୍ୱଶାସନ ପାଇଁ ଏକ ଅନୁକୂଳ ତଥା ଉପଯୁକ୍ତ ପରିବେଷ୍ଟନୀ ପ୍ରସ୍ତୁତ କରିଛନ୍ତି, ଯାହା ଦ୍ୱାରା ଏହା ଏକ ଅଧିକ ଗତିଶୀଳ ଓ କାର୍ଯ୍ୟହିତୈଷୀ ଭୂମିକା ତୁଲାଇ ପାରିବେ। ଏହି ପରିବର୍ତ୍ତନ ମହିଳା, ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଏବଂ ଅନ୍ୟମାନଙ୍କୁ ନିଜ ବିରୋଧରେ ହେଉଥିବା ପକ୍ଷପାତ ବିରୋଧରେ ସ୍ୱର ଉତ୍ତୋଳନ ପାଇଁ ପ୍ରବର୍ତ୍ତାଉଛି। ଏହି କ୍ରମରେ ଅନ୍ୟାନ୍ୟ ଅଭିଜ୍ଞତାର ପ୍ରତିଫଳନଗୁଡ଼ିକ ନିମ୍ନରେ ଦିଆଗଲା:

- ସମନ୍ୱିତ ଶିଶୁ ବିକାଶ ଯୋଜନା (ICDS) ଅନୁସାରେ ୦ରୁ ୬ ବର୍ଷ ବୟସର ସମ୍ବେଦନଶୀଳ ଓ ଅସୁରକ୍ଷିତ ଶିଶୁଙ୍କ ସ୍ୱାସ୍ଥ୍ୟ ଓ ପରିପୋଷଣ ସ୍ଥିତିରେ ଉନ୍ନତି ଆଣିବା ପାଇଁ ସ୍ଥାନୀୟ ଲୋକଙ୍କ ସମ୍ପୃକ୍ତି ଗୁରୁତ୍ୱପୂର୍ଣ୍ଣ ଅଟେ।
- ରାଷ୍ଟ୍ରୀୟ ସାକ୍ଷରତା ଅଭିଯାନ ମଧ୍ୟ ଦର୍ଶାଉଛି ଯେ ଜିଲ୍ଲା ସ୍ତରରେ ସାକ୍ଷରତା ବୃଦ୍ଧି ନିମନ୍ତେ ଆରମ୍ଭ ହୋଇଥିବା ଅଭିଯାନରେ ଲୋକଙ୍କ ସକ୍ରିୟ ଅଂଶଗ୍ରହଣ ଯୋଗୁ ଏହା ଅଧିକ ଫଳବତୀ ହୋଇଥାଏ।
- ୧୯୯୪ ମସିହା ନଭେମ୍ବର ମାସରେ ଆରମ୍ଭ ହୋଇଥିବା ଜିଲ୍ଲା ପ୍ରାଥମିକ ଶିକ୍ଷା ଯୋଜନା (DPEP) ମଧ୍ୟ ଏତେ ସଫଳ ହେଲା ଯେ UEEକୁ କାର୍ଯ୍ୟକାରୀ କରିବା ପାଇଁ ଦେଶବ୍ୟାପୀ ଡିପିଇପି କାର୍ଯ୍ୟନୀତି ଆପଣେଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।

ପ୍ରାରମ୍ଭିକ ଶିକ୍ଷାର ପ୍ରଗତି ତଦାରଖ ଓ ସମନ୍ୱୟନ କାର୍ଯ୍ୟ ପାଇଁ ରାଜ୍ୟ ଉତ୍ତରଦାୟୀ ଥିଲେ ହେଁ, ଡିଆଇଇଟିକୁ ନିଜ ନିଜ ରାଜ୍ୟରେ ଜିଲ୍ଲା ସ୍ତରରେ ପ୍ରାରମ୍ଭିକ ଶିକ୍ଷାର ବିକାଶ ପାଇଁ ଯୋଜନା ପ୍ରସ୍ତୁତିର ମୁଖ୍ୟ ଦାୟିତ୍ୱ ଅର୍ପଣ କରାଯାଇଛି।

ଯୋଜନା ଓ ପରିଚାଳନା କାର୍ଯ୍ୟନୀତିରେ ଏହି ପରିବର୍ତ୍ତନ ସହରାଞ୍ଚଳ ସ୍ଥାନୀୟ ପ୍ରଶାସନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ସ୍ତରରେ କାର୍ଯ୍ୟରତ ଶୈକ୍ଷିକ ପ୍ରଶିକ୍ଷକ ଓ ପ୍ରଶାସକଙ୍କୁ ନିରବଚ୍ଛିନ୍ନ ତାଲିମ ଓ ସହାୟତା ପ୍ରଦାନ ପାଇଁ ଉଦ୍ୟମ ଆବଶ୍ୟକ କରୁଛି। ଏହି ଲକ୍ଷ୍ୟ ହାସଲ ପାଇଁ ବିଭିନ୍ନ ରାଜ୍ୟରେ ଶିକ୍ଷା ଓ ସହଯୋଗୀ କ୍ଷେତ୍ରର ସ୍ଥାନୀୟ ପ୍ରତିଷ୍ଠାନଗୁଡ଼ିକୁ ସଶକ୍ତ କରାଯାଉଛି।



ଟିପ୍ପଣୀ

ଯେହେତୁ ଆଦ୍ୟବାଲ୍ୟାବସ୍ଥା ଯତ୍ନ ଓ ଶିକ୍ଷା (ECCE) ମହତ୍ୱପୂର୍ଣ୍ଣ, ତେଣୁ ଇସିସିଇ (ICDS) ଦ୍ୱାରା ପ୍ରସ୍ତୁତ ଆଧାରକୁ ପାଥେୟ କରିବା UEEର ଉଦ୍ଦେଶ୍ୟ। ତୁମେ ଅବଗତ ଅଛ ଯେ ପ୍ରାକ୍ ବିଦ୍ୟାଳୟ ଶିଶୁଙ୍କ ସ୍ୱାସ୍ଥ୍ୟ ଓ ପରିପୋଷଣ ସ୍ଥିତିରେ ଉନ୍ନତି ପାଇଁ ସ୍ଥାନୀୟ ସମୁଦାୟର ସହଯୋଗ ଉପରେ ଆଇସିଡିଏସ୍ ନିର୍ଭରଶୀଳ। ସ୍ଥାନୀୟ ସମୁଦାୟର ସମ୍ପୃକ୍ତି କାରଣରୁ ଆଇସିଡିଏସ୍ ଅନ୍ତର୍ଜାତୀୟ ସ୍ତରରେ ସର୍ବାଧିକ ସଫଳ କାର୍ଯ୍ୟକ୍ରମଭାବେ ପରିଗଣିତ।

ସ୍ଥାନୀୟ ସମୁଦାୟର ସକ୍ରିୟ ସହଯୋଗ ପାଇବା ପାଇଁ ନିମ୍ନଲିଖିତ ସଂସ୍ଥାଙ୍କୁ ସାମିଲ କରିବା ଅନିବାର୍ଯ୍ୟ ଅଟେ। ସେଗୁଡ଼ିକ ହେଲା:

- ପଞ୍ଚାୟତିରାଜ ସଂସ୍ଥା
- ବିଦ୍ୟାଳୟ ପରିଚାଳନା କମିଟି
- ଗ୍ରାମ/ସହରାଞ୍ଚଳ/ବସ୍ତି ସ୍ତରୀୟ ଶିକ୍ଷା କମିଟି
- ଅଭିଭାବକ-ଶିକ୍ଷକ ସଂଘ
- ଜନଜାତି ସ୍ୱୟଂଶାସିତ ବିକାଶ ପରିଷଦ

ଏହା ବ୍ୟତୀତ, ପ୍ରାରମ୍ଭିକ ଶିକ୍ଷା ଓ ବିଦ୍ୟାଳୟର ଭାଗିଦାରୀ ପରିଚାଳନାରେ ସମ୍ପୃକ୍ତ ଅନ୍ୟ ତୃଣମୂଳ ସ୍ତରର ସଂସ୍ଥା ଓ ସଂଗଠନ ମଧ୍ୟ ରହିଛି।

**ନିଜ ପ୍ରଗତିକୁ ପରଖି ଦେଖ-୧**

୧- ବିକେନ୍ଦ୍ରୀକୃତ କହିଲେ କ'ଣ ବୁଝ ?

\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-

\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-

\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-

୨- କାହିଁକି UEE ନିମନ୍ତେ ବିକେନ୍ଦ୍ରୀକୃତ କାର୍ଯ୍ୟନୀତି ଆପଣାଯାଇଛି ?

\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-

\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-

\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-

ଟିପ୍ପଣୀ

## ୭.୩ ଅଣୁସ୍ତରୀୟ ଯୋଜନା

ଯୋଜନା ଓ କାର୍ଯ୍ୟାନ୍ୱୟନରେ ଜନସାଧାରଣଙ୍କ ଭାଗିଦାରୀର ଅଭାବ ବିଭିନ୍ନ ବିକାଶମୂଳକ ଯୋଜନା ଅସଫଳତାର ଅନ୍ୟତମ କାରଣ। ପଞ୍ଚବାର୍ଷିକ ଯୋଜନା ପ୍ରାରମ୍ଭରୁ ଯୋଜନାର ପ୍ରସ୍ତୁତି ଓ କାର୍ଯ୍ୟାନ୍ୱୟନରେ ଜନସାଧାରଣଙ୍କ ସକ୍ରିୟ ସହଯୋଗକୁ ଗୁରୁତ୍ୱାରୋପ କରାଯାଇଛି। ଏହା ମନେକରାଯାଉଥିଲା, ସ୍ଥାନୀୟ ଲୋକଙ୍କ ସକ୍ରିୟ ସହଯୋଗ ଓ ସମର୍ଥନ ବିନା ସ୍ଥାନୀୟ ସ୍ତରରେ ବୈଧ ଆବଶ୍ୟକତା ଓ ଉପଲବ୍ଧ ସମ୍ବଳର ଚିହ୍ନଟ ସମ୍ଭବ ନୁହେଁ। ଏହି ଧାରଣାକୁ 'ତୃଣମୂଳ ସ୍ତରର ଯୋଜନା' ବା 'ଅଣୁ ଯୋଜନା' କୁହାଯାଏ। ଅଣୁ ସ୍ତରୀୟ ଯୋଜନା ଅର୍ଥ ହେଲା, (କ) ଆବଶ୍ୟକତା ଚିହ୍ନଟରେ ହିତାଧିକାରୀ ଥିବା ସ୍ଥାନୀୟ ଲୋକଙ୍କ ଅଂଶଗ୍ରହଣ, (ଖ) ନିମ୍ନଲିଖିତ ଭାବରେ ଉପଲବ୍ଧ ସମ୍ବଳ ସୃଷ୍ଟି (୧) ବ୍ୟବହାର୍ଯ୍ୟ ସାମଗ୍ରୀ, (୨) ସହଯୋଗୀ କାର୍ଯ୍ୟକଳାପ, (୩) ସାମୁହିକ ଉଦ୍ୟମ ଜରିଆରେ ଅଧିକ ସମ୍ବଳ ସୃଷ୍ଟି, (ଗ) ଉପଲବ୍ଧ ସମ୍ବଳକୁ ଦୃଷ୍ଟିରେ ରଖି ଗ୍ରାମ୍ୟ ଯୋଜନା ପ୍ରସ୍ତୁତି।

### ୭.୩.୧ ଯୋଜନାର ଅର୍ଥ

ସାଧାରଣ ଶବ୍ଦରେ କହିବାକୁ ଗଲେ:

- ଆବଶ୍ୟକ ଲକ୍ଷ୍ୟ ହାସଲ ବା ଜନସାଧାରଣଙ୍କ ଆବଶ୍ୟକତା ପୂରଣ ପାଇଁ କେତେକ କାର୍ଯ୍ୟ ବା କାର୍ଯ୍ୟକଳାପର ଆନୁକ୍ରମିକ ପ୍ରସ୍ତୁତି
- ସାମଗ୍ରିକ ଲକ୍ଷ୍ୟ ହାସଲ ପାଇଁ କାର୍ଯ୍ୟନୀତି ଚିହ୍ନଟ ଓ ବିକାଶର ଏକ ପ୍ରକ୍ରିୟା ହେଉଛି ଯୋଜନା
- କାର୍ଯ୍ୟନୀତିର କାର୍ଯ୍ୟାନ୍ୱୟନ ପାଇଁ ସମ୍ବଳର ବିନିଯୋଗ, ପ୍ରଗତି ତଦାରଖ ଏବଂ ପ୍ରଭାବର ମୂଲ୍ୟାୟନ ହେଉଛି ଯୋଜନା

### ୭.୩.୨ ଅଣୁ ଯୋଜନା

ବିଦ୍ୟାଳୟ ସେହି ଅଞ୍ଚଳରେ ରହୁଥିବା ସବୁ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରୁଥିବା ନିଶ୍ଚିତ କରେ ଏବଂ ସେହି ଗାଁ ବା ଅଞ୍ଚଳରେ ରହୁଥିବା ଲୋକମାନେ ସବୁ ପିଲାଙ୍କୁ ପ୍ରାରମ୍ଭିକ ଶିକ୍ଷା ପ୍ରଦାନ କରିବାର ମାଲିକାନା ଓ ଉତ୍ତରଦାୟିତ୍ୱ ବହନ କରିବା ଆଶା ପ୍ରକଟ କରେ। ଯେହେତୁ

ଟିପ୍ପଣୀ

ଶିକ୍ଷକ ଏକୁଟିଆ ସବୁ ପିଲାଙ୍କ ଆବଶ୍ୟକତା ପ୍ରତି ଧ୍ୟାନ ଦେଇପାରିବେ ନାହିଁ । ମହିଳା ଗୋଷ୍ଠୀ, ଗ୍ରାମ୍ୟ ଶିକ୍ଷା କମିଟି ସଦସ୍ୟ ଏବଂ ପଞ୍ଚାୟତିରାଜ ପ୍ରତିଷ୍ଠାନର ସଦସ୍ୟଙ୍କ ପରି ଭାଗିଦାରୀଙ୍କ ସମ୍ପୃକ୍ତି ଏଥିରେ ଆବଶ୍ୟକ। ସମସ୍ତ ଅଂଶୀଦାରଙ୍କ ସାହାଯ୍ୟ ଜରିଆରେ ସମାଜର ଅବହେଳିତ ବର୍ଗର ଶିଶୁଙ୍କ ସମେତ ସମସ୍ତ ଶିଶୁ ଗୁଣାତ୍ମକ ଶିକ୍ଷାଲାଭ କରିପାରିବେ ।

### ୭.୩.୩ ଅଣୁ ଯୋଜନା ପ୍ରକ୍ରିୟାରେ ଗୋଷ୍ଠୀ ସମ୍ପୃକ୍ତିର ସୋପାନ

ଅଣୁ ଯୋଜନା ପ୍ରକ୍ରିୟାରେ ସମୁଦାୟ ବା ଗୋଷ୍ଠୀ ସମ୍ପୃକ୍ତିର ସୋପାନଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା:

**(୧) ଗୋଷ୍ଠୀ (Community) ସଶକ୍ତିକରଣ**

- ଗ୍ରାମ୍ୟ ଶିକ୍ଷା କମିଟି (VEC), ବିଦ୍ୟାଳୟ ପରିଚାଳନା କମିଟି (SMC), ମା'-ଶିକ୍ଷକ ସଂଘ (MTA) ଆଦିର ସଦସ୍ୟ/ସଦସ୍ୟାଙ୍କ ପାଇଁ ତାଲିମ ଓ କର୍ମଶାଳା ଆୟୋଜନ ଏବଂ ଶିଶୁର ପ୍ରାରମ୍ଭିକ ଶିକ୍ଷା ଅଧିକାର ସଂକ୍ରାନ୍ତ ସମସ୍ୟା ଚିହ୍ନଟ ଓ ସମାଧାନ ପାଇଁ ସେମାନଙ୍କ ଦକ୍ଷତା ବୃଦ୍ଧି କରିବା
- ଶିକ୍ଷା ଅଧିକାର ଆଇନ (RTE)ର ବ୍ୟବସ୍ଥା, ସେଥିରେ ସେମାନଙ୍କ ଭୂମିକା ଓ ଉତ୍ତରଦାୟିତ୍ୱ ତଥା ପ୍ରାରମ୍ଭିକ ଶିକ୍ଷାକୁ ସାର୍ବଜନୀନକରଣ କରିବା ପାଇଁ ସରକାରଙ୍କ ଉଦ୍ୟମ ସଂକ୍ରାନ୍ତରେ ସମୁଦାୟକୁ ଅବଗତ କରିବା ନିମନ୍ତେ ନିମ୍ନରେ ଲିଖିତ କାର୍ଯ୍ୟକ୍ରମ ଆୟୋଜନ ଯଥା :
  - ମୀନା ଅଭିଯାନ
  - ମା'-ଝିଅ ମେଳା
  - ମହିଳା ସମ୍ମିଳନୀ
  - କିଶୋରୀ ମେଳା
  - ବାଳ-ଶିଶୁ ମେଳା
  - ପ୍ରଭାତ ଫେରି
  - ପଞ୍ଜିକରଣ ଅଭିଯାନ

ଟିପ୍ପଣୀ

- ପିଲାଙ୍କ ନାମପଞ୍ଜିକରଣ ସଂଖ୍ୟା ବୃଦ୍ଧି ଓ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା କମ୍ କରିବା, ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଆବଶ୍ୟକ ଦଲିଲ୍ ପ୍ରାପ୍ତି, ବାଳିକା ଶିକ୍ଷା, ଉପେକ୍ଷିତ ବର୍ଗ ଯଥା-ଅନୁସୂଚିତ ଜାତି, ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ, ଯାଯାବର ଓ ଗାଉଁଲୀ ବର୍ଗଙ୍କ ଅଧିକାର ପାଇଁ ସଚେତନତା ଲକ୍ଷ୍ୟରେ ସାପ୍ତାହିକ ବଜାର/ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ/ପଥପ୍ରାନ୍ତ ନାଟକ ପରିବେଷଣ ଜରିଆରେ ସଚେତନତା ଅଭିଯାନ ଆୟୋଜନ।

## (୨) ଯୋଜନା ଦଳ ଚିହ୍ନଟ

ଜଣେ ସରକାରୀ ଅଧିକାରୀ କିମ୍ବା ଜଣେ ପ୍ରଧାନ ଶିକ୍ଷକ ଯୋଜନା ପାଇଁ ଆବଶ୍ୟକ ସମସ୍ତ ସୂଚନା ଏକତ୍ରିତ କରିବାକୁ ଏକାକୀ ସକ୍ଷମ ନୁହନ୍ତି। UEE ର ସମସ୍ତ ଦିଗକୁ ବିଚାର କରିବା ଓ ଉପଯୁକ୍ତ ସୂଚନା ପ୍ରାପ୍ତ କରିବା ପାଇଁ ଆଭ୍ୟନ୍ତରୀଣ ଦଳ (Core Team) ଗଠନର ଆବଶ୍ୟକତା ରହିଛି। ଫଳରେ ଗୋଷ୍ଠି (Community) ଉଦ୍ଦେଶ୍ୟ ନିର୍ଦ୍ଧାରଣ ଏବଂ ପ୍ରମୁଖତା ନିର୍ଣ୍ଣୟରେ ପ୍ରମୁଖ ଅଂଶୀଦାରଭାବେ ନିଜକୁ ଅନୁଭବ କରିବା ସହ ସକ୍ରିୟ ଅଂଶୀଦାରଭାବେ କାର୍ଯ୍ୟ କରିଥାଏ। ଆଭ୍ୟନ୍ତରୀଣ ଯୋଜନା ଦଳର ସମ୍ପୃକ୍ତି ଯୋଜନାକୁ ଆଇନତଃ ଉପଯୁକ୍ତ କରାଇଥାଏ।

ଗୋଷ୍ଠୀ ଓ ଧାର୍ଯ୍ୟ ବର୍ଗ (Target Group) ସହ ଆଲୋଚନା ପ୍ରତ୍ୟେକ ଜନବସତି ପାଇଁ ଆଭ୍ୟନ୍ତରୀଣ ଯୋଜନା ଦଳର ସଦସ୍ୟ ପାଇଁ ଯୋଗ୍ୟ ବ୍ୟକ୍ତି ଚିହ୍ନଟ କରିବାର ସୁଯୋଗ ପ୍ରଦାନ କରେ। ସେମାନଙ୍କ ମଧ୍ୟରୁ କେତେକ ଶିକ୍ଷିତ, କେତେକ ସକ୍ରିୟ ରାଜନୈତିକ କର୍ମୀ, ସାମାଜିକ କାର୍ଯ୍ୟ ସମ୍ପାଦନ ପାଇଁ ଇଚ୍ଛୁକ ତଥା ନୂଆ ନୂଆ ବିଚାରଧାରା ସମ୍ପନ୍ନ ଯୁବକ, କେତେକ ବିଶେଷ ପାରଦର୍ଶିତା ସମ୍ପନ୍ନ ବ୍ୟକ୍ତି, ମହିଳା ତଥା ସଂଖ୍ୟାଲଘୁ ଶିକ୍ଷିତ ଓ ବେରୋଜଗାର ବ୍ୟକ୍ତି ରହିଥାନ୍ତି। ସେମାନଙ୍କ ସମ୍ପୃକ୍ତି :

- ଗୋଷ୍ଠୀ -ବିଦ୍ୟାଳୟ ସମ୍ପର୍କ ନିର୍ମାଣ ଓ ସଶକ୍ତିକରଣ,
- ଅଧାରୁ ପାଠ ଛାଡ଼ିବା, ଅନ୍ୟତ୍ର ଗମନ, ବିଦ୍ୟାଳୟ ବର୍ଜନ ହାର କମ୍ କରିବାରେ ଗୋଷ୍ଠୀ ର ସହଯୋଗ ପ୍ରାପ୍ତି ଏବଂ
- ସମ୍ମିଳିତ ଶିକ୍ଷା ସପକ୍ଷରେ ଅଂଶୀଦାରଙ୍କ ଗଠନମୂଳକ ମତାମତ ପ୍ରାପ୍ତିରେ ସହାୟକ ହୋଇଥାଏ।



ଟିପ୍ପଣୀ

ଆଭ୍ୟନ୍ତରୀଣ ଯୋଜନା ଦଳର ସଦସ୍ୟ ଚୟନ ଯତ୍ନର ସହିତ କରାଯିବା ଆବଶ୍ୟକ, ଯେପରିକି କାର୍ଯ୍ୟକ୍ରମ ବିରୋଧୀ କିଛି ଲୋକ ମଧ୍ୟ ସାମିଲ ହେବେ। କେତେକ ବଡ଼ପାଟିଆ ଏବଂ ନିଜ ବିଚାରଧାରାକୁ ଅନ୍ୟମାନଙ୍କ ଉପରେ ଜୋର୍ କରି ଲଦିଦେଉଥିବା ବ୍ୟକ୍ତିଙ୍କୁ ମଧ୍ୟ ଚୟନ କରାଯାଇପାରିବ। ଆଶାନୁରୂପକ ଯୋଗ୍ୟତା ନଥିଲେ ବି ପ୍ରାରମ୍ଭିକ ଶିକ୍ଷାକୁ ସମ୍ମିଳିତ କରୁଥିବା ଶିକ୍ଷକ, ବିଦ୍ୟାଳୟ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ସମର୍ଥନ କରୁଥିବା କିଛି ବ୍ୟକ୍ତିଙ୍କୁ ମଧ୍ୟ ଏହି କମିଟିରେ ଅନ୍ତର୍ଭୁକ୍ତ କରାଯାଇପାରିବ। ସମସ୍ତ ଶିଶୁଙ୍କୁ ପ୍ରାରମ୍ଭିକ ଶିକ୍ଷା ପ୍ରଦାନ ପାଇଁ ସବୁ ପ୍ରକାରର ଲୋକଙ୍କୁ ନିଆଯାଏ। ସାଧାରଣତଃ ଏକ ଆଦର୍ଶ ଆଭ୍ୟନ୍ତରୀଣ ଯୋଜନା ଦଳରେ ସମୁଦାୟର ସବୁ ବର୍ଗରୁ ପ୍ରତିନିଧି ରହିଥାନ୍ତି।

**୩- ଆଭ୍ୟନ୍ତରୀଣ ଯୋଜନା (Core Planning) ଦଳର କ୍ଷମତା ବୃଦ୍ଧି।**

ଯୋଜନା ଓ ଯୋଜନା ରୂପାୟନର ଗୁଣାତ୍ମକମାନ ଆଭ୍ୟନ୍ତରୀଣ ଯୋଜନା ଦଳର କ୍ଷମତା ଉପରେ ନିର୍ଭର କରେ। ପ୍ରସ୍ତାବିତ ଯୋଜନା ଜିଲ୍ଲା ସ୍ତର ପାଇଁ କାର୍ଯ୍ୟକାରୀ ହେବା ଦରକାର। ସମସ୍ତ ଯୋଜନା ପ୍ରକ୍ରିୟା ସହଭାଗୀ ହେବା ଉଚିତ, ଯେପରି ଶୈକ୍ଷିକ ବିକାଶର ସମସ୍ତ ଦିଗ ବିଚାରକୁ ନିଆଯାଇ ପାରିବ ଏବଂ କୌଣସି ବ୍ୟକ୍ତି ବା ଦଳ ଯୋଜନା ପ୍ରକ୍ରିୟାକୁ ନିଜ ସପକ୍ଷରେ ନେଇ ପାରିବେ ନାହିଁ। ଯୋଜନା ମଧ୍ୟ ବିଭିନ୍ନ ବିଭାଗ ଦ୍ୱାରା ପ୍ରଚଳିତ ଭିନ୍ନଭିନ୍ନ ଖସଡ଼ା ସର୍ମ୍ପକିତ ଜ୍ଞାନ ଆବଶ୍ୟକ କରେ ଏବଂ ଏହି ଖସଡ଼ା ଗୁଡ଼ିକ କିପରି ଏକାଭିମୁଖୀ ହେବ ତାହା ମଧ ଦର୍ଶାଏ ଏବଂ ସେହିସବୁ ଯୋଜନାର ବ୍ୟବହାର ସମ୍ପର୍କିତ ଜ୍ଞାନ ଆବଶ୍ୟକ କରିଥାଏ। ଆଭ୍ୟନ୍ତରୀଣ ଯୋଜନା ଦଳର ଅଧିକାଂଶ ସଦସ୍ୟ ଯୋଜନା ପ୍ରକ୍ରିୟା ଓ ଯୋଜନାରେ ଅଂଶଗ୍ରହଣ କରିନଥାନ୍ତି କି ସେଥି ପାଇଁ ଆବଶ୍ୟକ ଜ୍ଞାନ ଓ ଅଭିଜ୍ଞତା ସେମାନଙ୍କର ନଥାଏ। ସେମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରଥମ ଥର ପାଇଁ ନିଜ ଅଞ୍ଚଳର କୌଣସି ଏକ ସାଧାରଣ କାର୍ଯ୍ୟକ୍ରମ ସଂକ୍ରାନ୍ତ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥାନ୍ତି। ଆଭ୍ୟନ୍ତରୀଣ ଯୋଜନା ଦଳ ବିଦ୍ୟାଳୟ ବିକାଶ ଯୋଜନାକୁ ଏକତ୍ରିତ କରେ ଏବଂ ଗ୍ରାମ୍ୟ ଶିକ୍ଷା ବିକାଶ ଯୋଜନା ପ୍ରସ୍ତୁତ କରେ। ଆଭ୍ୟନ୍ତରୀଣ ଯୋଜନା ଦଳ ବିଦ୍ୟାଳୟର ଆବଶ୍ୟକତାକୁ ପ୍ରଭାବୀ ଢଙ୍ଗରେ ଗ୍ରାମରେ, ଗ୍ରାମ୍ୟ ଆବଶ୍ୟକତାକୁ ଗୋଷ୍ଠୀ ସ୍ତରରେ ଏବଂ ଗୋଷ୍ଠୀ ଆବଶ୍ୟକତାକୁ ଜିଲା ସ୍ତରରେ ଉପସ୍ଥାପନ କରେ। ଏଣୁ ସର୍ବଶିକ୍ଷା ଅଭିଯାନର ଉଦ୍ଦେଶ୍ୟ, ଲକ୍ଷ୍ୟ, ମାପଦଣ୍ଡ ଆଦି ବିଷୟରେ

ଟିପ୍ପଣୀ

ସେମାନଙ୍କୁ ପରିଚିତ କରାଇବା ସହ ଏସବୁକୁ ଚୂଡ଼ାନ୍ତ କରିବା ପାଇଁ ୨ରୁ ୩ଟି କର୍ମଶାଳା ଆୟୋଜନ କରିବାକୁ ପଡ଼ିଥାଏ। କ୍ଲଷ୍ଟର୍/ ବ୍ଲକ୍/ ଜିଲା ସ୍ତରର ସାଧନ କେନ୍ଦ୍ରରେ ଉପଲବ୍ଧ ବିଶେଷଜ୍ଞାନର ଉପଯୋଗିତା ସମ୍ପର୍କରେ ମଧ୍ୟ ସେମାନଙ୍କୁ କର୍ମଶାଳା ଜରିଆରେ ଅବଗତ କରାଇବାକୁ ପଡ଼ିଥାଏ।

**୪- ହସ୍ତକ୍ଷେପ (Intervention) ଆବଶ୍ୟକ କରୁଥିବା ସମସ୍ୟା ଗୁଡ଼ିକୁ ଚିହ୍ନଟ କରିବା ।**

ପରବର୍ତ୍ତୀ ପଦକ୍ଷେପ ହେଲା ପ୍ରାରମ୍ଭିକ ଶିକ୍ଷାରେ ପ୍ରବେଶ, ପଞ୍ଜିକରଣ, ଅବଧାରଣା ଓ ଗୁଣବତ୍ତା ସମ୍ପର୍କିତ ସମସ୍ୟାର ଆକଳନ କରିବା ଏବଂ ଗ୍ରାମ୍ୟ, ଜନବସତି, ବ୍ଲକ୍ ବା ଜିଲାସ୍ତରରେ ସେସବୁର ସମାଧାନ ସଂକ୍ରାନ୍ତ ନିଷ୍ପତ୍ତି ଗ୍ରହଣ କରିବା। ସେହି ସମସ୍ୟା ଗୁଡ଼ିକ ମଧ୍ୟରୁ କେତେକ:

- ପ୍ରଶାସନିକ ସମସ୍ୟା ସଂକ୍ରାନ୍ତ
- ନୀତିରେ ପରିବର୍ତ୍ତନ ହେବା ସଂକ୍ରାନ୍ତ
- ନିର୍ଦ୍ଧାରିତ ମାପଦଣ୍ଡର ଆଧୂନୀକିକରଣ ଓ ତା'ର ମାନବୃଦ୍ଧି କରଣ ସଂକ୍ରାନ୍ତ
- ସାମୁହିକ ଭାବେ ସମସ୍ୟା ସମାଧାନ କରିବା ସଂକ୍ରାନ୍ତ
- ସମସ୍ୟା ସମାଧାନ ପାଇଁ ଜିଲା ଏବଂ ରାଜ୍ୟ ସ୍ତରୀୟ ଅଧିକାରୀଙ୍କ ସହାୟତା ସଂକ୍ରାନ୍ତ

ଏହି ସ୍ତରରେ, ଉପଲବ୍ଧ ସମ୍ବଳ ହାତେଇବା ପାଇଁ ନିଜ ନିଜର ସମସ୍ୟା ଓ ପ୍ରସଙ୍ଗକୁ ଅନ୍ୟମାନଙ୍କ ତୁଳନାରେ ଗମ୍ଭୀର ଦର୍ଶାଇବା ଓ ଜରୁରୀକାଳୀନ ଭିତ୍ତିରେ ସମାଧାନ ଦାବିରେ ବିଦ୍ୟାଳୟ, ଗ୍ରାମ, ବ୍ଲକ୍ ଏବଂ ଜିଲା ସ୍ତରରେ ତୀବ୍ର ପ୍ରତିଯୋଗିତା ହୋଇଥାଏ। ଏଣୁ ଶିକ୍ଷା ବିକାଶ ଯୋଜନାରେ ସେହିସବୁ ପ୍ରସଙ୍ଗ ଓ ସମସ୍ୟାକୁ ଅଗ୍ରାଧିକାର ଭିତ୍ତିରେ ସ୍ଥାନିତ କରିବା ପାଇଁ ଏକ ସଶକ୍ତ ତଥା ସୁଚନା ଆଧାର (Data Base) ଓ ସ୍ପଷ୍ଟ ଦୃଷ୍ଟିଭଙ୍ଗୀ ଆବଶ୍ୟକ ହୋଇଥାଏ। ବେଳେବେଳେ ଅଭିଜ୍ଞତା ବିନିମୟ ପାଇଁ ଆନ୍ତଃ ଜିଲା ଯୋଜନା କର୍ମଶାଳା ଆୟୋଜନ କରାଯାଇପାରେ। ପ୍ରସଙ୍ଗ ଚିହ୍ନଟ ଓ ଏହାର ସମାଧାନ ପାଇଁ ଗୃହୀତ କେତେକ ପଦ୍ଧତି ସଂକ୍ରାନ୍ତରେ ଜ୍ଞାନଲାଭ ପାଇଁ ଏହା ଏକ ଉତ୍ତମ ଉପାୟ।



ଟିପ୍ପଣୀ

**୫- ଆବଶ୍ୟକ ତଥ୍ୟ ଓ ତଥ୍ୟର ଉତ୍ସ**

ସମସ୍ତ ଯୋଜନା ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସ୍ୱତନ୍ତ୍ର ଲକ୍ଷ୍ୟ ହାସଲ ପାଇଁ ସ୍ପଷ୍ଟ ଜନାଦେଶ ରହିଛି। ସମସ୍ତ ଶିଶୁ ଆଠ ବର୍ଷିଆ ପ୍ରାରମ୍ଭିକ ଶିକ୍ଷା ଶେଷ କରିବେ ବୋଲି ଶିକ୍ଷା ଅଧିକାର ଆଇନ (RTE)ରେ ସ୍ପଷ୍ଟ ଉଲ୍ଲେଖ ଥିବାରୁ ନିମ୍ନ ଲିଖିତ ତଥ୍ୟକୁ ଧ୍ୟାନ ଦିଆଯିବା ଜରୁରୀ।

- ୧୪ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁ (ବାଳକ ଓ ବାଳିକା)-ପଞ୍ଜିକୃତ, କେବେ ବି ପଞ୍ଜିକୃତ ହୋଇନାହାନ୍ତି, ଅଧାରୁ ପାଠ ଛାଡ଼ିଛନ୍ତି
- ବିଦ୍ୟାଳୟ ସଂଖ୍ୟା- ସରକାରୀ, ଅନୁଦାନପ୍ରାପ୍ତ/ ଅଣଅନୁଦାନପ୍ରାପ୍ତ, ସ୍ୱୀକୃତିପ୍ରାପ୍ତ/ ଅଣସ୍ୱୀକୃତ ଏବଂ ଘରୋଇ ବିଦ୍ୟାଳୟ
- ବେସରକାରୀ ସଂଗଠନ ଦ୍ୱାରା ପରିଚାଳିତ ଅନୌପଚାରିକ ବିଦ୍ୟାଳୟ
- ସୁରକ୍ଷିତ ପ୍ରତିଷ୍ଠାନରେ ରହୁଥିବା ପିଲା ସଂଖ୍ୟା
- ପିଲା ସଂଖ୍ୟା-ଅନୁସୂଚିତ ଜାତି, ଜନଜାତି, ଯାଯାବର, ଅତ୍ୟନ୍ତ ପଛୁଆ ବର୍ଗ, ଆଦିମ ଜନଜାତି
- ଭିନ୍ନକ୍ଷମ/ ଦିବ୍ୟାଙ୍ଗ ପିଲା
- କର୍ମଜୀବୀ ପିଲା
- ଗଣହିଂସା/ଗଣନିର୍ଯ୍ୟାତନାର ଶିକାର ପିଲା
- ଯାଯାବର ପରିବାରର ପିଲା
- ବିସ୍ଥାପିତ ପରିବାରର ପିଲା
- ରାସ୍ତା କଡ଼ରେ/ ସର୍ବସାଧାରଣ ସ୍ଥାନରେ ରହୁଥିବା ପିଲା
- କଏଦୀ/ଦେହଜୀବୀଙ୍କ ପିଲା
- ଅନ୍ୟ ଉପେକ୍ଷିତ ପିଲା

ଏହି ତଥ୍ୟରୁ ଧାର୍ଯ୍ୟ ବର୍ଗ ଚୟନ ସମ୍ଭବ ହୋଇପାରିବ ଯେଉଁମାନଙ୍କୁ ବିଦ୍ୟାଳୟକୁ ଆଣିହେବ।

ଯେହେତୁ ଯୋଜନାର ଅର୍ଥ ଧାର୍ଯ୍ୟ ବର୍ଗର ପ୍ରତ୍ୟେକ ପିଲାଙ୍କୁ ଧ୍ୟାନ ଦେବା, ତେଣୁ ଏହି ତଥ୍ୟରୁ ପ୍ରତ୍ୟେକ ପିଲାର ଅଗ୍ରଗତି ମଧ୍ୟ ଠାବ କରିହେବ।

ଟିପ୍ପଣୀ

ଉପରଲିଖିତ ତଥ୍ୟର ଏକ ପ୍ରମୁଖ ଅଂଶ ବିଦ୍ୟାଳୟ/ସରକାରୀ ବିଭାଗରେ ମଧ୍ୟ ଉପଲବ୍ଧ। ଗ୍ରାମ୍ୟ ଶିକ୍ଷା ରେଜିଷ୍ଟର (ରେକର୍ଡ଼ ବହି) ନିୟମିତ ଅଧୁନାତନ କରିବାରେ VEC/SMCର ମଧ୍ୟ ମହତ୍ୱପୂର୍ଣ୍ଣ ଭୂମିକା ରହିଛି।

ସାମ୍ପ୍ରତିକ ସ୍ଥିତି ଦର୍ଶାଉଥିବା ତଥ୍ୟର ଉପଲବ୍ଧତା ତଥ୍ୟ ସଙ୍କଳନର ଏକମାତ୍ର ଉଦ୍ଦେଶ୍ୟ ନୁହେଁ। ସ୍ୱତନ୍ତ୍ର ଆବଶ୍ୟକତା ଚିହ୍ନଟ, ଆବଶ୍ୟକ ସମ୍ବଳର ଆକଳନ, ହସ୍ତକ୍ଷେପ ଯୋଜନା ଏବଂ ସମ୍ବଳ ଚାହିଦାର ଯଥାର୍ଥତା ପ୍ରତିପାଦନ କରିବା ନିମନ୍ତେ ଆହ୍ୱାନର ପରୀକ୍ଷଣ (ନିଦାନ) ପାଇଁ ତଥ୍ୟକୁ ବ୍ୟବହାର କରାଯିବା ଉଚିତ। ତଥ୍ୟ ଆଧାରିତ ଯୋଜନା ଉପଲବ୍ଧ ସମ୍ବଳର ପ୍ରଭାବୀ ଓ ସର୍ବୋଚ୍ଚ ବିନିଯୋଗକୁ ନିଶ୍ଚିତ କରେ। ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପାଇଁ ତଥ୍ୟ ମଧ୍ୟ ବେଶ୍ ଦରକାରୀ। ଯଦିଓ ଅନେକ ତଥ୍ୟ ସଂକଳନ କରାଯାଏ, ତନ୍ମଧ୍ୟରୁ କେବଳ ଉପଯୁକ୍ତ ତଥ୍ୟକୁ ବ୍ୟବହାର କରାଯାଇଥାଏ। ଘରକୁ ଘର ସର୍ବେକ୍ଷଣରୁ ମିଳିଥିବା ତଥ୍ୟ ଜନବସତି ସ୍ତରୀୟ ଯୋଜନା ପାଇଁ ଆଧାର ହୋଇଥାଏ।

ଘରକୁ ଘର ସର୍ବେକ୍ଷଣରେ ମିଳିଥିବା ତଥ୍ୟକୁ ବସତି ସ୍ତରରେ ଏକତ୍ରିତ ଓ ସଙ୍କଳିତ କରାଯାଇଥାଏ। ଏହି କାର୍ଯ୍ୟକଳାପକୁ ସୁଗମ କରିବା ପାଇଁ ନମୁନାପତ୍ର ପ୍ରସ୍ତୁତ କରାଯାଇଥାଏ। ଥରେ ଜନବସତି ସ୍ତରୀୟ ତଥ୍ୟ ସଂଗ୍ରହ ହେବା ପରେ ଏହାର କମ୍ପ୍ୟୁଟରୀକରଣ କରାଯାଇ ବସତିସ୍ତରୀୟ ଯୋଜନା ପ୍ରସ୍ତୁତିରେ ବ୍ୟବହାର କରାଯାଏ। ପୂରଣ ହୋଇଥିବା ଘରର ସୁଚନା ପତ୍ର (DCF) ଗ୍ରାମ୍ୟ/ୱାର୍ଡ଼ (VER/WER) ଶିକ୍ଷା ରେଜିଷ୍ଟର ଭାବେ ଗଚ୍ଛିତ କରାଯାଏ। VEC ସଦସ୍ୟମାନେ ବିଦ୍ୟାଳୟରେ ପ୍ରତ୍ୟେକ ପିଲାର ପଞ୍ଜିକରଣ ଓ ଉପସ୍ଥାନ ତଦାରଖ ଏହା ଜରିଆରେ କରିବା ସହ ଉପଲବ୍ଧ ତଥ୍ୟକୁ ପ୍ରତ୍ୟେକ VEC ବୈଠକରେ ଆଲୋଚନା କରିଥାନ୍ତି।

### ୬- ଅଣୁ-ଯୋଜନା କାର୍ଯ୍ୟାବଳୀ

ଥରେ ଆଭ୍ୟନ୍ତରୀଣ ଯୋଜନା ଦଳ ଗଠନ ହେଲେ, ସେମାନଙ୍କ କ୍ଷମତା ନିର୍ମାଣ ପ୍ରକ୍ରିୟା ଶେଷ ହୁଏ ଏବଂ ପ୍ରସଙ୍ଗ ଓ ହସ୍ତକ୍ଷେପ କାର୍ଯ୍ୟନୀତି ମଧ୍ୟ ସହମତି ଆଧାରରେ ଗୃହୀତ ହୁଏ। ତତ୍ପରେ ଆବଶ୍ୟକ ତଥ୍ୟ ସଂଗ୍ରହ କରାଯାଏ, ଆଉ ତା' ପରେ ଅଣୁ ଯୋଜନା କାର୍ଯ୍ୟକ୍ରମ ଆରମ୍ଭ ହୁଏ। ଏହି କାର୍ଯ୍ୟାବଳୀରେ ନିମ୍ନଲିଖିତ କଥା ସମ୍ମିଳିତ :

- ପଞ୍ଜିକରଣ, ଅଧାରୁ ପାଠ ଛାଡୁଥିବା ପିଲା ସଂଖ୍ୟା, ଅବଧାରଣା, ପିଲାଙ୍କ ଉତ୍ତୀର୍ଣ୍ଣ ହାର, ପିଲାଙ୍କ ବର୍ଗ ଆଧାରରେ ଶିକ୍ଷକ-ପିଲା ଅନୁପାତ,ଏକ ବର୍ଷ ମଧ୍ୟରେ ସ୍ଥାନୀୟ ସ୍ୱତନ୍ତ୍ର ଉଦ୍ଦେଶ୍ୟ ହାସଲ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଏ।
- ସମ୍ପାଦିତ ହେବାକୁ ଥିବା କାର୍ଯ୍ୟକ୍ରମ ସଂକ୍ରାନ୍ତ ନିଷ୍ପତ୍ତି
- କାର୍ଯ୍ୟକଳାପର ଅନୁକ୍ରମ
- ଲକ୍ଷ୍ୟ ହାସଲ ପାଇଁ ପର୍ଯ୍ୟାୟ ସ୍ଥିରୀକରଣ
- ବିଭିନ୍ନ କାର୍ଯ୍ୟକଳାପ କାର୍ଯ୍ୟାନ୍ୱୟନ ପାଇଁ ଦାୟିତ୍ୱ ସମ୍ପନ୍ନ ଅଧିକାରୀ ବା/ଏବଂ ସଂଗଠନ ନିର୍ଦ୍ଧାରଣ
- ଆବଶ୍ୟକ ସମୟ ଆକଳନ
- ପ୍ରତ୍ୟେକ ଖର୍ଚ୍ଚର ଆକଳନ
- ଯୋଜନା ପ୍ରସ୍ତାବ ପ୍ରସ୍ତୁତି

ସଂକ୍ଷେପରେ, କାର୍ଯ୍ୟବିଧିର ତାର୍କିକ ଢାଞ୍ଚା (logical frame of Action) ପ୍ରସ୍ତୁତ କରାଯାଏ (ନମୁନା ପାଇଁ ସଂଲଗ୍ନକ (Annexure) ଦେଖ)।

କାର୍ଯ୍ୟବିଧିର ତାର୍କିକ ଢାଞ୍ଚାରେ ପ୍ରତ୍ୟେକ ଉଦ୍ଦେଶ୍ୟ ସମ୍ବନ୍ଧିତ କାର୍ଯ୍ୟକଳାପ, ଉକ୍ତ କାର୍ଯ୍ୟକୁ ସମ୍ପାଦନ କରିବାକୁ ଥିବା ବ୍ୟକ୍ତି, ଆବଶ୍ୟକ ସମୟ, କାର୍ଯ୍ୟକଳାପର ସାରଣୀ, ବଜେଟ ଶିରୋନାମା, ପାଣ୍ଠି ବ୍ୟବସ୍ଥା ଏବଂ ଆଶା କରାଯାଉଥିବା ଫଳାଫଳ ଉଲ୍ଲେଖ କରାଯାଇଥାଏ।

ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟା ଏବଂ ଶ୍ରେଣୀକକ୍ଷ ବାର୍ତ୍ତାଳାପରେ ଶ୍ରେଣୀ କକ୍ଷରେ ଘଟୁଥିବା ଘଟଣାବଳୀ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଅଟେ। କାରଣ ଏହା ସମସ୍ତ ଯୋଜନାକୃତ କାର୍ଯ୍ୟନୀତିର ଉତ୍କର୍ଷତାକୁ ପ୍ରତିଫଳିତ କରିଥାଏ। ଏଣୁ ଶ୍ରେଣୀ ପରିଚାଳନା କିପରି କରିବାକୁ ହେବ ଜାଣିବା ଅତ୍ୟାବଶ୍ୟକ ଅଟେ। ଏତଦବ୍ୟତୀତ, ଅନ୍ୟାନ୍ୟ ଦିଗରେ ପିଲାମାନଙ୍କ ଅଂଶଗ୍ରହଣ ଜାଣିବା ମଧ୍ୟ ଜରୁରୀ। ଏହା ଦ୍ୱାରା ପିଲାଙ୍କ ବିକାଶ ତ୍ୱରାନ୍ୱିତ ହୋଇପାରିବ। ଶ୍ରେଣୀ କକ୍ଷରେ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାର କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା:

ଟିପ୍ପଣୀ

ଟିପ୍ପଣୀ

୧- ଶ୍ରେଣୀ କକ୍ଷର ପରିବେଶ (ଭୌତିକ ଓ ସାମାଜିକ)

୨- ଶ୍ରେଣୀ କକ୍ଷ ସଂରଚନା ଓ ପରିଚାଳନା(ଉପବେସନ ବ୍ୟବସ୍ଥା, ସଂରଚନା, ଶିକ୍ଷାଦାନ-ଶିକ୍ଷଣ ଗୋଷ୍ଠୀ ଗଠନ, ସାମଗ୍ରୀ ପ୍ରଦର୍ଶନ ଓ ବ୍ୟବହାର)

୩- ଶିକ୍ଷକ-ପିଲା ଅନୁପାତ

୪- ଅନୁସୃତ ଶିକ୍ଷାଦାନ ପଦ୍ଧତି ଓ କାର୍ଯ୍ୟନୀତି

୫- ଶିକ୍ଷାଦାନ-ଶିକ୍ଷଣ ସାମଗ୍ରୀ, ଉପକରଣର ଉପଲବ୍ଧତା ଓ ବ୍ୟବହାର

୬- ଶ୍ରେଣୀକକ୍ଷ କାର୍ଯ୍ୟକଳାପରେ ପିଲାମାନଙ୍କ ଅଂଶଗ୍ରହଣ (ମୌଖିକ/ ଅଣମୌଖିକ)

୭- ଶିକ୍ଷାଦାନ-ଶିକ୍ଷଣ ପାଇଁ ଶ୍ରେଣୀ କକ୍ଷରେ ଉପଲବ୍ଧ ସୁବିଧା

୮- ଶିକ୍ଷକଙ୍କ ଦ୍ୱାରା ନୂତନ ପ୍ରାସଙ୍ଗିକ ଶିକ୍ଷା ବିଜ୍ଞାନ ଉଦ୍ଭାବନ ଓ ପରୀକ୍ଷଣର ସୁବିଧା

୯- ଶୈକ୍ଷିକ ତଥା ସହ-ଶୈକ୍ଷିକ ଶିକ୍ଷଣ ନିମନ୍ତେ ପିତାମାତା, ସ୍ଥାନୀୟ ଶିକ୍ଷା ଅନୁରାଗୀ ବ୍ୟକ୍ତି, ଗୋଷ୍ଠୀ ସାଧନ ବ୍ୟକ୍ତିଙ୍କ ବିନିଯୋଗ ପାଇଁ କାର୍ଯ୍ୟନୀତି

ସମସ୍ତ ଶିକ୍ଷାଦାନ-ଶିକ୍ଷଣ କେବଳ ଯେ ଶ୍ରେଣୀ କକ୍ଷରେ ହୋଇଥାଏ ତା’ ନୁହେଁ, ବେଳେବେଳେ ଜୈବ ବିବିଧତା ସଂକ୍ରାନ୍ତ ଶିକ୍ଷାଦାନକୁ ଅଧିକ ପ୍ରଭାବୀ କରିବା ପାଇଁ ପିଲାମାନଙ୍କୁ ପ୍ରାକୃତିକ ପରିବେଶକୁ ନେବାକୁ ପଡ଼ିଥାଏ। ବେଳେବେଳେ ଏହି ଧରଣର କାର୍ଯ୍ୟକଳାପ ପାଇଁ ବଜେଟ ବ୍ୟବସ୍ଥା ଦରକାର ହୋଇଥାଏ। ଏହାକୁ ଶିକ୍ଷା ଯୋଜନା ପ୍ରସ୍ତାବରେ ସାମିଲ କରିବାକୁ ପଡ଼େ। ପିଲାଙ୍କ ସାମଗ୍ରିକ ଶିକ୍ଷା ଏବଂ ବ୍ୟକ୍ତିତ୍ୱ ବିକାଶ ପାଇଁ ବିଦ୍ୟାଳୟଗୁଡ଼ିକ ସାଧାରଣତଃ କ୍ରୀଡ଼ା, ଯୋଗ, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରକଳ୍ପ କାର୍ଯ୍ୟ, କାର୍ଯ୍ୟ ଆଧାରିତ ଶିକ୍ଷଣ, ସ୍ୱାସ୍ଥ୍ୟ, ପୋଷଣ, ବୃତ୍ତି ଆଦି ସମ୍ପର୍କରେ ଜୀବନ କୌଶଳ କାର୍ଯ୍ୟକ୍ରମମାନ ଆୟୋଜନ କରିଥାନ୍ତି। ଏହି ପ୍ରକାର କାର୍ଯ୍ୟକ୍ରମ ଅର୍ଥ ହେଲା ବିଦ୍ୟାଳୟକୁ ଏକ ସାମାଜିକ ପ୍ରତିଷ୍ଠାନଭାବେ ଦର୍ଶାଇବା ଯାହା ଗୋଷ୍ଠୀ କାର୍ଯ୍ୟକଳାପର ଆଧାର ଅଟେ। କାର୍ଯ୍ୟ ଅଭିଜ୍ଞତା ପାଇବା ନିମନ୍ତେ ବିଶେଷଜ୍ଞ, କୃଷକ, ହସ୍ତଶିଳ୍ପୀଙ୍କ ସହ ପିଲାଙ୍କ ସମ୍ପର୍କ ସ୍ଥାପନ କରିବାକୁ ପଡ଼େ; ଯାହା ଫଳରେ ସେମାନେ ପ୍ରାକୃତିକ ଓ ସାମାଜିକ ପ୍ରସଙ୍ଗରେ ପାରଦର୍ଶିତା ଲାଭ କରିଥାନ୍ତି। ପିଲାଙ୍କ ସାମଗ୍ରିକ ଶାରୀରିକ, ସାମାଜିକ ଏବଂ ଆବେଗିକ ତଥା ମାନସିକ ବିକାଶ ପାଇଁ ଏହିସବୁ କାର୍ଯ୍ୟକଳାପକୁ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟା ଅନ୍ତର୍ଭୁକ୍ତ କରାଯାଇଥାଏ। ଏହି ସବୁ କାର୍ଯ୍ୟକଳାପ ସମ୍ପାଦନ ପାଇଁ ଭିନ୍ନ ଭିନ୍ନ ଯୋଜନା

ଟିପ୍ପଣୀ

ଓ ବଜେଟ୍ ବ୍ୟବସ୍ଥାର ଆବଶ୍ୟକତା ରହିଛି । ଯେପରିକି, ଖେଳ ପଡ଼ିଆ, ଶାରୀରିକ ଶିକ୍ଷା/ଯୋଗ ଶିକ୍ଷକ, ଖେଳ ଉପକରଣ, ଆନ୍ତଃ ବିଦ୍ୟାଳୟ କ୍ରୀଡ଼ା ଏବଂ ଅନ୍ୟାନ୍ୟ ପ୍ରତିଯୋଗିତା ପାଇଁ ସ୍ୱତନ୍ତ୍ର ବଜେଟ ବ୍ୟବସ୍ଥା ଆବଶ୍ୟକ ।

ଜାତୀୟ ଶିକ୍ଷା ନୀତି ୧୯୮୬ ଅନୁସାରେ ପ୍ରାରମ୍ଭିକ ଶିକ୍ଷାରେ ଅନେକ ନୂତନ ଯୋଜନା ଯଥା- କଳାପଟା ଅଭିଯାନ, ଶିକ୍ଷକ ଶିକ୍ଷା, ଅଣଆନୁଷ୍ଠାନିକ ଶିକ୍ଷା, ମହିଳା ସମକ୍ଷ, ପ୍ରାଥମିକ ଶିକ୍ଷା ପାଇଁ ପରିପୋଷଣୀୟ ସହାୟତା ନିମନ୍ତେ ଜାତୀୟ କାର୍ଯ୍ୟକ୍ରମ ଏବଂ ବିହାର, ରାଜସ୍ଥାନ, ଉତ୍ତର ପ୍ରଦେଶ, ଆନ୍ଧ୍ର ପ୍ରଦେଶ ପରି ରାଜ୍ୟରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଶିକ୍ଷା ପ୍ରକଳ୍ପ ରହିଛି । ଯେହେତୁ ଏହି ସବୁ ନୂତନ ବିଚାରଧାରା ଓ ଅଭ୍ୟାସ କ୍ଷେତ୍ରରେ TLMର ଭୂମିକା ଗୁରୁତ୍ୱପୂର୍ଣ୍ଣ, ତେଣୁ ଏହିସବୁ ନୂତନ କାର୍ଯ୍ୟକଳାପ କାର୍ଯ୍ୟାନ୍ୱୟନ ପାଇଁ ପ୍ରଚଳିତ ଟିଏଲ୍ଏମ୍‌ର ପ୍ରକାର, ଉପଲବ୍ଧତା, ଉପଯୁକ୍ତତା ଏବଂ ବ୍ୟବହାର ସଂକ୍ରାନ୍ତରେ ଜାଣିବା ନିତାନ୍ତ ଆବଶ୍ୟକ । TLM ସାମଗ୍ରୀ ଯଥା- କାର୍ଯ୍ୟ ପୁସ୍ତିକା, ଶିକ୍ଷକ ମାର୍ଗଦର୍ଶିକା, ଶିକ୍ଷାଦାନ-ଶିକ୍ଷଣ ଉପକରଣ, ଶୈକ୍ଷିକ କିଟ୍ ଇତ୍ୟାଦି କ୍ରୟ ପାଇଁ ଶିକ୍ଷକଙ୍କୁ ବାର୍ଷିକ ୫୦୦ ଟଙ୍କା ଯୋଗାଣର ବ୍ୟବସ୍ଥା ରହିଛି । ଏଗୁଡ଼ିକୁ ଯୋଜନା ପ୍ରସ୍ତାବରେ ସାମିଲ କରାଯାଇ ପାରେ ।

ଶିଶୁ ଉପଯୋଗୀ ବିଦ୍ୟାଳୟ ପରିବେଶ ସୃଷ୍ଟି ବିଦ୍ୟାଳୟରେ ହେଉଥିବା ନିର୍ମାଣ କାର୍ଯ୍ୟର ଲକ୍ଷ୍ୟ । ବିଦ୍ୟାଳୟ ନିର୍ମାଣ କରାଯାଉଥିବା ସ୍ଥାନ ବିପଜ୍ଜନକ (ଖାଲୁଆ ଅଞ୍ଚଳ, ରାଜପଥ, ପୋଖରୀ, ନଦୀ ବା ଅତ୍ୟୁଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ ତାରର ଅତି ନିକଟ ଇତ୍ୟାଦ) ହୋଇନଥିବା ଏବଂ ସବୁ ପିଲାଙ୍କ ପାଇଁ ପହଞ୍ଚ ହେଉଥିବା ଦରକାର । ବିଦ୍ୟାଳୟ କୋଠାର ସ୍ୱରୁପ କାର୍ଯ୍ୟାତ୍ମକ ଓ ଆକର୍ଷଣୀୟ ହୋଇଥିବା ଉଚିତ । ଶ୍ରେଣୀକକ୍ଷର ସ୍ୱରୁପ ଆଭ୍ୟନ୍ତରୀଣ ସ୍ୱରୁପ ଏପରି ହେବା ଉଚିତ ଯାହା ଦ୍ୱାରା ଶ୍ରେଣୀକକ୍ଷକୁ ପର୍ଯ୍ୟାପ୍ତ ଆଲୋକ ଓ ବାୟୁ ଚଳାଚଳ କରୁଥିବ ଏବଂ ପଠନ ସାମଗ୍ରୀ ସୁରକ୍ଷିତ ରଖିବା, ପ୍ରଦର୍ଶନ ଓ ଚକ୍‌ବୋର୍ଡ଼ପାଇଁ ପର୍ଯ୍ୟାପ୍ତ ସ୍ଥାନ ରହିବା ବିଧେୟ । ସମ୍ମିଳିତ ଶିକ୍ଷାର ଆବଶ୍ୟକତା ପୂରଣ ପାଇଁ ପ୍ରତ୍ୟେକ ବିଦ୍ୟାଳୟରେ ର୍‌ୟାମ୍ପ୍, ହ୍ୟାଣ୍ଡରେଲ୍ ଆଦି ନିର୍ମାଣ ବାଧ୍ୟତାମୂଳକ । ଏହା ସହିତ ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତୀକରଣ, ପାଚେରୀ ଏବଂ ଖେଳ ପଡ଼ିଆ ପ୍ରତ୍ୟେକ ବିଦ୍ୟାଳୟ ପାଇଁ ନିତାନ୍ତ ଜରୁରୀ । ବିଦ୍ୟାଳୟ ପରିବେଶ ସବୁଜିମା ଭରା ହେବା ଉଚିତ । ଉପଲବ୍ଧ ବ୍ୟବହାରଯୋଗ୍ୟ ଭିତ୍ତିଭୂମି (ଶ୍ରେଣୀ କକ୍ଷ,

ଟିପ୍ପଣୀ

ଶୌଚାଳୟ, ପାନୀୟ ଜଳ, ଉପବେଶନ ବ୍ୟବସ୍ଥା, ଭଣ୍ଡାର ସ୍ଥାନ, କମ୍ପ୍ୟୁଟର, ଅନ୍ୟାନ୍ୟ ଶିକ୍ଷାଦାନ ଓ ଶିକ୍ଷଣ ଉପକରଣ, ପାଚେରି ଆଦି), ସାମାନ୍ୟ ବା ଅଧିକ ମରାମତି ଆବଶ୍ୟକ କରୁଥିବା ଭିତ୍ତିଭୂମି ଏବଂ ଆବଶ୍ୟକ ସମ୍ପୂର୍ଣ୍ଣ ନୂଆ ଭିତ୍ତିଭୂମିର ପ୍ରକୃତ ଆକଳନ ଓ ଅର୍ଥ ବ୍ୟବସ୍ଥା ପାଇଁ ଯୋଜନା ପ୍ରସ୍ତାବରେ ସାମିଲ କରାଯିବା ଆବଶ୍ୟକ। ନିର୍ମାଣର ବୈଷୟିକତା, ଏକକ ପରିବ୍ୟୟ, ପାଣ୍ଠି ଆଗମ ବ୍ୟବସ୍ଥା, ଗୋଷ୍ଠୀର ମୂଲ୍ୟ ଭୂମିକା ଓ ଦାୟିତ୍ୱ ଏବଂ ଆୟବ୍ୟୟର ହିସାବ ରଖିବା ଏବଂ ସବୁପାଇଁ ବଜେଟ୍ ବ୍ୟବସ୍ଥା ହେବା ଦରକାର । 'ଗୋଷ୍ଠୀ ନିର୍ମାଣ ମାନୁଆଲ୍' (ଯଦି ଉପଲବ୍ଧ ଥିବ) ଅନୁସାରେ କରାଯିବା ଉଚିତ।

କେଉଁସବୁ ବ୍ୟବସ୍ଥା ଉପଲବ୍ଧ ଏବଂ ସେସବୁକୁ କିପରି ଯୋଜନା ପ୍ରସ୍ତାବରେ ପ୍ରଦର୍ଶନ କରାଯିବ ଜାଣିବା ଗୁରୁତ୍ୱପୂର୍ଣ୍ଣ। ଏକ ଚିଠା ଯୋଜନା ପ୍ରସ୍ତାବରେ ନିମ୍ନଲିଖିତ ତଥ୍ୟ ରହିବା ଆବଶ୍ୟକ ।

- ପ୍ରସଙ୍ଗ/ପୃଷ୍ଠଭୂମି/ଜନସଂଖ୍ୟିକ ସୂଚନା ସମେତ ଅନ୍ୟ ସମସ୍ୟା
- ଉଦ୍ଦେଶ୍ୟ
- କାର୍ଯ୍ୟନୀତି
- ଆବଶ୍ୟକ କର୍ମଚାରୀ
- ଆବଶ୍ୟକ ଭିତ୍ତିଭୂମି
- କାର୍ଯ୍ୟକ୍ରମ/କାର୍ଯ୍ୟକଳାପ
- ଶିକ୍ଷକ ତାଲିମ ସଂକ୍ରାନ୍ତ ସବିଶେଷ କାର୍ଯ୍ୟନୀତି, ପାଠ୍ୟପୁସ୍ତକ ସଂଶୋଧନ, ମୋଡ୍ୟୁଲ୍/ମାନୁଆଲ୍ ପ୍ରସ୍ତୁତି
- ପିଲାମାନଙ୍କ ପ୍ରଗତି ପ୍ରତି ଦୃଷ୍ଟିରଖିବା ପାଇଁ ସବିଶେଷ ଯୋଜନା
- ଯୋଜନା ସମୟରେ ହେବାକୁ ଥିବା ନୂତନ କାର୍ଯ୍ୟ
- ପ୍ରକାଶିତ ହେବାକୁ ଥିବା ଦଲିଲ/ରିପୋର୍ଟ
- ତଦାରଖ, ମୂଲ୍ୟାୟନ, ସାମାଜିକ ସମୀକ୍ଷା
- ପ୍ରତ୍ୟେକ କାର୍ଯ୍ୟକଳାପ ପାଇଁ କରାଯାଇଥିବା ବଜେଟ ପରିମାଣ
- ପୂର୍ବ ବର୍ଷରେ ମଞ୍ଜୁର ପାଣ୍ଠିର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଂଶର ସ୍ଥିତି



ଟିପ୍ପଣୀ

- ପୌନଃପୌନିକ ଅନୁଦାନ ଆକାରରେ ମଞ୍ଜୁର ଅବ୍ୟବହୃତ ରାଶି ଯାହା ଆର୍ଥିକ ବର୍ଷ ଶେଷରେ ରଦ୍ଦ ହୋଇଥାଏ
- ପୂର୍ବ ଯୋଜନା ସମୟରେ ଅଣପୁନଃପୌନିକ ଖର୍ଚ୍ଚ ବାବଦରେ ମଞ୍ଜୁର ରାଶିର ଅବ୍ୟବହୃତ ପରିମାଣ ଯାହା ଚଳିତ ବର୍ଷ ବ୍ୟୟ କରାଯିବ
- ଅନ୍ୟ ଉତ୍ସରୁ ଆର୍ଥିକ ସହାୟତା
- ଚଳିତ ବର୍ଷ ପାଇଁ ଆବଶ୍ୟକ ବଜେଟ୍ ବିବରଣ

କ୍ରିୟାକଳାପ ବାବଦକୁ ଖର୍ଚ୍ଚ ନିର୍ଦ୍ଧାରିତ ମାନଦଣ୍ଡ ଅନୁସାରେ କରାଯିବା ଉଚିତ୍ । ଯୋଜନା ପ୍ରସ୍ତାବ ରେ 'କାର୍ଯ୍ୟାନୁଷ୍ଠାନ ଗ୍ରହଣ ସମ୍ବନ୍ଧୀୟ ଯଥାର୍ଥ ତଥ୍ୟ', ପ୍ରତିବନ୍ଧକ ଗୁଡ଼ିକୁ ବୁଝିବା ପାଇଁ କରାଯାଇଥିବା ଆକଳନ ଓ ରାଜ୍ୟ ଅଧିକାରୀଙ୍କଠାରୁ ମିଳିଥିବା/ଆବଶ୍ୟକ ନୀତି ନିୟମ ତଥା ପ୍ରାଶାସନିକ ଅନୁମତି ସଂକ୍ରାନ୍ତ ଉପଯୁକ୍ତ ତଥା ପ୍ରାସଙ୍ଗିକ ତଥ୍ୟ ମଧ୍ୟ ରହିବା ଉଚିତ୍ । ମାନଦଣ୍ଡଠାରୁ ଭିନ୍ନ କୌଣସି ଯୋଜନାରେ ବ୍ୟତିକ୍ରମର ପ୍ରସ୍ତାବ ଥିଲେ,ଏହାର ପୂର୍ଣ୍ଣ ଔଚିତ୍ୟତା ଦର୍ଶାଯିବା ଆବଶ୍ୟକ । ଯୋଜନା, ଶିକ୍ଷା ଅଧିକାର ଆଇନରେ ଆବଶ୍ୟକୀୟ ସାମ୍ବିଧାନିକ ପ୍ରୟାସ ହୋଇଥିବାରୁ ଯୋଜନା ପ୍ରସ୍ତୁତି ପ୍ରକ୍ରିୟା, ଯୋଜନା ବୈଠକର ବିବରଣୀ ସାରାଂଶ, ଆଭ୍ୟନ୍ତରୀଣ ଯୋଜନା ଦଳ ଏହାର ଅଂଶୀଦାରଙ୍କ ସହ କରିଥିବା କର୍ମଶାଳା, ସେମିନାର ଇତ୍ୟାଦିକୁ ସ୍ପଷ୍ଟଭାବେ ଲିପିବଦ୍ଧ କରିବାକୁ ପଡେ ।

(Bottom-up) ଅବଧାରଣା ଅର୍ଥ ଜନବସତିରେ ଅବସ୍ଥିତ ପ୍ରତ୍ୟେକ ବିଦ୍ୟାଳୟ (ଘରୋଇ,ଅନୁଦାନପ୍ରାପ୍ତ, ଅଣଅନୁଦାନପ୍ରାପ୍ତ, ସରକାରୀ) ବ୍ୟକ୍ତିଗତଭାବେ ସେମାନଙ୍କ ବିକାଶ ଯୋଜନା ପ୍ରସ୍ତାବ ପ୍ରସ୍ତୁତି । ସାଧାରଣତଃ ଉପରେ ଦର୍ଶାଯାଇଥିବା ଅଣୁ-ଯୋଜନା ପ୍ରକ୍ରିୟାକ ବିଦ୍ୟାଳୟ ଦ୍ୱାରା ଯୋଜନା ପାଇଁ ଲାଗୁ କରିବା ଆବଶ୍ୟକ ।

ବସ୍ତି (ବସତି) ସ୍ତରରେ ସରକାରୀ ସହାୟତା ଆବଶ୍ୟକ କରୁଥିବା ବିଦ୍ୟାଳୟ ଯୋଜନା ପ୍ରସ୍ତାବକୁ ସାମଗ୍ରୀକ ଭାବେ ପ୍ରସ୍ତୁତ କରାଯାଏ । UEE ଅନ୍ତର୍ଗତ ଏକ ଗୋଷ୍ଠୀ ଆଧାରିତ ପଦକ୍ଷେପକୁ ଗ୍ରହଣ କରାଯାଇଥାଏ ।



ଟିପ୍ପଣୀ

ନିଜ ପ୍ରଗତିକୁ ପରଖି ଦେଖ- ୨

୧ - ଯୋଜନା ପ୍ରସ୍ତୁତି କାହାକୁ କୁହାଯାଏ ? ଅଣୁ ଯୋଜନା କହିଲେ କ'ଣ ବୁଝ ?

-----------------------------------------------------------

-----------------------------------------------------------

-----------------------------------------------------------

୨ -UEE ନିମନ୍ତେ କାହିଁକି ଅଣୁ ଯୋଜନା ଗ୍ରହଣ କରାଯାଇଛି ?

-----------------------------------------------------------

-----------------------------------------------------------

-----------------------------------------------------------

୩-ଅଣୁ ଯୋଜନାର ସୋପାନଗୁଡ଼ିକ ଲେଖ ?

-----------------------------------------------------------

-----------------------------------------------------------

-----------------------------------------------------------

### ୭.୩.୪ DEO, DRC (DIET), BEO, BRC ଏବଂ CRC ଙ୍କ ଭୂମିକା ଓ ଦାୟିତ୍ୱ

DEO, DRC (DIET), BEO, BRC ଏବଂ CRC ଙ୍କ ଦାୟିତ୍ୱ ନିମ୍ନରେ ଦିଆଯାଇଛି:

(କ) ଜିଲା ସ୍ତରୀୟ: ଜିଲା ପ୍ରାରମ୍ଭିକ ଶିକ୍ଷା ଅଧିକାରୀ (DEO) ଯୋଜନାକାରୀ, କାର୍ଯ୍ୟାନ୍ୱୟନକାରୀ, ସଂଯୋଜକ ଏବଂ ତଦାରଖକାରୀଙ୍କ କାର୍ଯ୍ୟକୁ ଏକତ୍ର କରିଥାନ୍ତି। ସେ ପ୍ରାରମ୍ଭିକ ଶିକ୍ଷାରେ ନିମ୍ନଲିଖିତ କାର୍ଯ୍ୟକ୍ରମ ସମ୍ପାଦନ କରିଥାନ୍ତି:

- ପିଲାମାନଙ୍କ ଶିକ୍ଷା ଅଧିକାରକୁ ସାକାର କରାଇବା ପାଇଁ ଏକ ଉପଯୁକ୍ତ ପରିବେଶ ସୃଷ୍ଟି
- ସବୁ ଗାଁରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରୀୟ ବିଦ୍ୟାଳୟ ଶିକ୍ଷା ସୁବିଧା ନିଶ୍ଚିତ କରିବା

ଟିପ୍ପଣୀ

- ବିଦ୍ୟାଳୟ ଶିକ୍ଷା ପାଇଁ ଯୋଗ୍ୟ ସବୁ ପିଲାଙ୍କ ନିମନ୍ତେ ନିକଟବର୍ତ୍ତୀ ଅ*ଳରେ ଭୌତିକ ଓ ସାମାଜିକ ଶିକ୍ଷା ସୁଯୋଗ ଯୋଗାଇବା
- ପିଲାମାନଙ୍କ ନାମଲେଖା ଏବଂ ପିଲାମାନଙ୍କୁ ଅବଧାରଣ କରିବା ନିମନ୍ତେ ସ୍ୱତନ୍ତ୍ର ଭାବେ PRI (ପଞ୍ଚାୟତିରାଜ ସଂସ୍ଥା)ଙ୍କୁ ସାମିଲ କରିବା
- ଏପରି ପଦକ୍ଷେପ ଗ୍ରହଣ କରାଯିବା ଉଚିତ, ଯାହା ଦ୍ୱାରା ବିଦ୍ୟାଳୟ ଯାଉନଥିବା ପିଲାଏ (ଯାଯାବର, ରାସ୍ତାକଡ଼ ପିଲା, ଅନୁସୂଚିତ ଜାତି ଓ ଜନଜାତି, ଆଦିମ ଜନଜାତି, ଭିନ୍ନକ୍ଷମ ବା ସ୍ୱତନ୍ତ୍ର ଦେଖାରଖା ଆବଶ୍ୟକ କରୁଥିବା ପିଲା) ମଧ୍ୟ ବିଦ୍ୟାଳୟକୁ ଆସିବେ ଏବଂ ପ୍ରାରମ୍ଭିକ ଶିକ୍ଷା ସମାପ୍ତ କରିବେ। ଏତଦବ୍ୟତୀତ, ଋତୁ ଜନିତ ଆବଶ୍ୟକତା ଅନୁସାରେ ପିଲାମାନଙ୍କୁ ଛାତ୍ରାବାସ ସୁବିଧା ପ୍ରଦାନ, ମହାରାଷ୍ଟ୍ର ସରକାରଙ୍କ ଢାଞ୍ଚାରେ ବସ୍ତିଶାଳା ନିର୍ମାଣ ଆଦି ନିଶ୍ଚିତ କରିବା
- ପିଲାମାନଙ୍କ ରେକର୍ଡ଼ ପାଇଁ ୧୮ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କ ଜନ୍ମ ପଞ୍ଜିକରଣ ପାଇଁ ସ୍ୱତନ୍ତ୍ର ଅଭିଯାନର ଆରମ୍ଭ କରିବା
- ବିଦ୍ୟାଳୟରେ ଶିକ୍ଷକ ଅଭାବ ତଦାରଖ କରିବା ଏବଂ ଶିକ୍ଷକ ଆବଶ୍ୟକତା ନିମନ୍ତେ ଉଚ୍ଚ ଶିକ୍ଷା ଅଧିକାରୀଙ୍କୁ ଜଣାଇବା
- ଶିକ୍ଷକ ତାଲିମ ତଦାରଖ କରିବା ଏବଂ ଆବଶ୍ୟକତା ଅନୁସାରେ ଭିତ୍ତିଭୂମି ଯୋଗାଇବା
- ଶିକ୍ଷକଙ୍କ ଓ ଛାତ୍ର ଉପସ୍ଥାନ, ଶୈକ୍ଷିକ ଗୁଣବତ୍ତା ଏବଂ ଶିକ୍ଷଣ ସାମଗ୍ରୀ (TLM) ଉପଲବ୍ଧତା ତଦାରଖ ପାଇଁ ବିଭିନ୍ନ ବିଦ୍ୟାଳୟ ପରିଚାଳନା କମିଟିକୁ ସଶକ୍ତ କରିବା
- ଛାତ୍ରୀ ଏବଂ ସ୍ୱତନ୍ତ୍ର ସୁବିଧା ଆବଶ୍ୟକ କରୁଥିବା ଶିଶୁ (CWSN)ଙ୍କ ପାଇଁ ନିଃଶୁଳ୍କ ପରିବହନ ସୁବିଧା ନିଶ୍ଚିତ କରିବା
- ଯେଉଁ ଅଞ୍ଚଳରେ ବିଦ୍ୟାଳୟ ସ୍ଥାପନ ଅସମ୍ଭବ ସେ ଅଞ୍ଚଳର ପିଲାମାନଙ୍କ ପାଇଁ ଛାତ୍ରାବାସ ସୁବିଧା ଉପଲବ୍ଧ କରାଇବା
- ଶିକ୍ଷାଦାନ-ଶିକ୍ଷଣ ସାମଗ୍ରୀ, ଉପକରଣ, ଶିଶୁ ହିତୈଷୀ ତଥା ବାଧାମୁକ୍ତ ବିଦ୍ୟାଳୟ ପରିବେଶ ଉପଲବ୍ଧତା ନିଶ୍ଚିତ କରାଇବା

ଟିପ୍ପଣୀ

- ଉପେକ୍ଷିତ ବର୍ଗର ପିଲା ଯଥା- ଅନୁସୂଚିତ ଜାତି/ଜନଜାତି/ଆଦିମ ଜନଜାତି/ଅନ୍ୟାନ୍ୟ ପଛୁଆବର୍ଗ/ମୁସଲମାନ୍ ଏବଂ ଅନ୍ୟ ସଂଖ୍ୟାଲଘୁ ପିଲା/ବାଳିକା/ସହରାଞ୍ଚଳ ବଞ୍ଚିତ/ରାସ୍ତା କଡ଼ର ବସ୍ତି ପିଲା/ଶିଶୁ ଶ୍ରମିକ/ବିସ୍ଥାପିତ ବା ଯାଯାବର ପିଲା ଏବଂ ଅସୁରକ୍ଷିତ ପିଲାଙ୍କୁ ନିର୍ଯାତନାମୁକ୍ତ ରଖିବା ପାଇଁ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀଙ୍କୁ ସହଯୋଗ କରିବା
- ପଞ୍ଚାୟତିରାଜ ପ୍ରତିଷ୍ଠାନ ମୁଖ୍ୟ ବା ସହରାଞ୍ଚଳ ସ୍ଥାନୀୟ ସ୍ୱାୟତ୍ତଶାସନ ସଂସ୍ଥାର ଶିକ୍ଷା କମିଟି ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଅଭିଯୋଗ ପ୍ରତିବିଧାନ କମିଟି ଗଠନ କରିବା ।
- ସାମାଜିକ ସମୀକ୍ଷା ପ୍ରକ୍ରିୟା ଜରିଆରେ ଲିଙ୍ଗଗତ ବିଭେଦତା ଏବଂ ଅନ୍ୟ ପ୍ରକାର ସାମାଜିକ ବୈଷମ୍ୟର ସମାଧାନ ନିଶ୍ଚିତ କରିବା
- ନାମଲେଖା ପୂର୍ବରୁ ପିଲାଙ୍କ ବାଛ ବିଚାର ବନ୍ଦ ପାଇଁ ଗୃହୀତ ପଦକ୍ଷେପ ତଦାରଖ ନିମନ୍ତେ ନିର୍ବାଚିତ ଲୋକପ୍ରତିନିଧି, ବିଶେଷଜ୍ଞ,କାର୍ଯ୍ୟକର୍ତ୍ତା, ପିତାମାତା, ପ୍ରଧାନ ଶିକ୍ଷକ ଏବଂ ବିଭିନ୍ନ ବିଭାଗ ଯଥା-ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ, ପୋଲିସ ବିଭାଗ ଆଦିର ଅଧିକାରୀଙ୍କୁ ନେଇ ଜିଲା ଶିକ୍ଷା କମିଟି ଗଠନ କରିବା ।
- ପିଲାଙ୍କ ପାଇଁ ବାର୍ଷିକ ପରୀକ୍ଷା ଆୟୋଜନ ନରଖିବା, କାହାକୁ ଉପର ଶ୍ରେଣୀକୁ ଉତ୍ତୀର୍ଣ୍ଣ ନକରିବା, ଶାରୀରିକ ଦଣ୍ଡବିଧାନ କରିବା ଏବଂ ପିଲାର ଅଧିକାର କ୍ଷୁଣ୍ଣ ହେବା ପରି ଅନ୍ୟାନ୍ୟ ଦଣ୍ଡବିଧାନ କରାଯାଉନଥିବା ଆଦି ନିଶ୍ଚିତ କରିବା

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ବିଦ୍ୟାଳୟ, ଗାଁ, ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଯୋଜନା ପ୍ରସ୍ତାବକୁ ଜିଲ୍ଲା ଶିକ୍ଷାଧିକାରୀ (DEO) ତର୍ଜମା କରି ଜିଲା ଯୋଜନା ପ୍ରସ୍ତୁତ କରିଥାନ୍ତି। ପ୍ରାରମ୍ଭିକ ଶିକ୍ଷାର ସାମ୍ପ୍ରତିକ ସ୍ଥିତିର ସ୍ୱଷ୍ଟ ଚିତ୍ର ପାଇବାକୁ ହେଲେ, ଚାଲିଯାଇ ପାରୁଥିବା ଦୂରତାରେ ପିଲାଙ୍କ ପାଇଁ ବିଦ୍ୟାଳୟ ଉପଲବ୍ଧତା, ପ୍ରତି ୩/୪ ବର୍ଷରେ ଥରେ ସ୍ଥାନୀୟ,ସାମାଜିକ ଏବଂ ବିଦ୍ୟାଳୟର ମାନଚିତ୍ରଣ କରିବା ଆଦି ହାତକୁ ନିଆଯିବା ଆବଶ୍ୟକ। ଏହା ବିଦ୍ୟାଳୟ, ଗାଁ ଓ ବ୍ଲକ୍ (ଗୋଷ୍ଠୀ) ପ୍ରଦତ୍ତ ଯୋଜନା ପ୍ରସ୍ତାବକୁ ସଂକ୍ଷେପଣ କରିବାରେ ସାହାଯ୍ୟ କରିଥାଏ।

**ନିଜ ପ୍ରଗତିକୁ ପରଖି ଦେଖ-୩**

୧- ତଦାରଖ କହିଲେ କ'ଣ ବୁଝ ? UEE କାର୍ଯ୍ୟାନ୍ୱୟନକୁ ଗୋଷ୍ଠୀ କିପରି ତଦାରଖ କରିଥାଏ ?

--------------------------------------------------------------------

--------------------------------------------------------------------

--------------------------------------------------------------------

୨- UEE କାର୍ଯ୍ୟାନ୍ୱୟନ ତଦାରଖ ସଂକ୍ରାନ୍ତରେ DEO ଙ୍କ ଭୂମିକାର ସମୀକ୍ଷଣ କର।

--------------------------------------------------------------------

--------------------------------------------------------------------

--------------------------------------------------------------------

ଟିପ୍ପଣୀ

## (ଖ) ସ୍ଥାନୀୟ ଏବଂ ସାମାଜିକ ମାନଚିତ୍ରଣ

ସମ୍ଭବତଃ କୌଣସି ଅଞ୍ଚଳର ପିଲାମାନେ ଏକାଧିକ ବିଦ୍ୟାଳୟରେ ନାମ ଲେଖାଇଥାନ୍ତି । ସେହିପରି, ଗୋଟିଏ ବିଦ୍ୟାଳୟରେ ନାମ ଲେଖାଇଥିବା ପିଲାମାନେ ବିଭିନ୍ନ ଅଂଚଳରେ ମଧ୍ୟ ରହୁଥାଇ ପାରନ୍ତି। କେବଳ ବିଦ୍ୟାଳୟ ସ୍ଥାପନ କରିଦେଲେ ଯେ ସବୁ ପିଲା ବିଦ୍ୟାଳୟ ଆସୁଛନ୍ତି ଏବଂ ଶିକ୍ଷଣ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି ନିଶ୍ଚିତ ହେବା ଯଥେଷ୍ଟ ନୁହେଁ। ବିଦ୍ୟାଳୟ ଥାଇପାରେ ମାତ୍ର ପିଲାଏ ବିଦ୍ୟାଳୟ ଆସୁନଥିବେ ବା କିଛି ମାସ ମଧ୍ୟରେ ସେମାନେ ଅଧାରୁ ପାଠ ଛାଡୁଥିବେ ବା ଦୀର୍ଘ ଦିନ ଧରି ସେମାନେ ଅନୁପସ୍ଥିତ ରହୁଥିବେ ଏବଂ ଶିକ୍ଷଣ ବୋଝ ସହ ସେମାନେ ନିଜକୁ ଖାପଖୁଆଇ ପାରୁନଥିବେ ଇତ୍ୟାଦି। ଏଥି ପାଇଁ ବିଦ୍ୟାଳୟର ମାନଚିତ୍ରଣ ଗୁରୁତ୍ୱପୂର୍ଣ୍ଣ। ଏହା ନିମ୍ନମତେ ସହାୟକ ହୋଇଥାଏ:

- ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ବା ପରିବହନ ଜନିତ ସମସ୍ୟା ଯୋଗୁ ବିଦ୍ୟାଳୟ ଆସିପାରୁନଥିବା ପିଲାଙ୍କୁ ଚିହ୍ନଟ କରିବା
- ଜାତି, ଧର୍ମ, ବର୍ଣ୍ଣ ଓ ସ୍ଥିତି ନିର୍ବିଶେଷରେ ସବୁ ପିଲାଙ୍କ ନିମନ୍ତେ ଗୁଣାତ୍ମକ ଶିକ୍ଷା ଯୋଗାଇବା ପାଇଁ ଭିତ୍ତିଭୂମି ନିର୍ମାଣ, ଶିକ୍ଷକ, ଆବଶ୍ୟକ ଉପକରଣ ସମେତ ଶିକ୍ଷା ସେବାରେ ଏକ ଗତିଶୀଳ ଦୃଷ୍ଟିକୋଣ ସୃଷ୍ଟି କରିବା ।

ଟିପ୍ପଣୀ

ବିଦ୍ୟାଳୟ ମାନଚିତ୍ରଣର ସୋପାନଗୁଡ଼ିକ ହେଲା:

୧- ଗାଁରେ ଶୈକ୍ଷିକ ପରିବେଶ ସୃଷ୍ଟି

୨- ବିଦ୍ୟାଳୟ ମାନଚିତ୍ରଣ ପାଇଁ ସ୍ୱତନ୍ତ୍ରଭାବେ ଗ୍ରାମ୍ୟ ଶିକ୍ଷା କମିଟି ଗଠନ

୩- ବିଦ୍ୟାଳୟ ମାନଚିତ୍ରଣ ଆୟୋଜନ ପାଇଁ ଗ୍ରାମ୍ୟ କମିଟି ସଦସ୍ୟଙ୍କୁ ତାଲିମ ପ୍ରଦାନ

୪- ଗାଁର ଏକ ମୋଟାମୋଟି ସ୍ଥାନୀୟ ମାନଚିତ୍ରଣ ପ୍ରସ୍ତୁତି

୫- ଘରକୁ ଘର ସର୍ବେକ୍ଷଣ ଆୟୋଜନ

୬- ବିଭିନ୍ନ ପରିବାର (ଘର), ପ୍ରତ୍ୟେକ ଘରର ପିଲା ସଂଖ୍ୟା ଓ ସେମାନଙ୍କ ପଞ୍ଜିକରଣ ସ୍ଥିତି ଦର୍ଶାଉଥିବା ଏକ ଚୂଡ଼ାନ୍ତ ମାନଚିତ୍ରଣ ପ୍ରସ୍ତୁତି

୭- ଏକ ଗାଁ/ବିଦ୍ୟାଳୟ ଶୈକ୍ଷିକ ରେଜିଷ୍ଟର ପ୍ରସ୍ତୁତି

୮- ପ୍ରସ୍ତୁତ ମାନଚିତ୍ରକୁ ଉପସ୍ଥାପନ କରିବା ଏବଂ ଏହାର ବିଶ୍ଲେଷଣ ତଥ୍ୟକୁ ଜନସାଧାରଣଙ୍କ ସମ୍ମୁଖରେ ରଖି ଏହାର ବୈଧିକରଣ କରିବା

୯- ଜନସାଧାରଣଙ୍କ ପ୍ରସ୍ତାବ ପ୍ରାପ୍ତ କରିବା

ବିଦ୍ୟାଳୟ ମାନଚିତ୍ରଣ ପାଇଁ ଜିଲା ସାଧନ କେନ୍ଦ୍ର (DRCs) ଆବଶ୍ୟକ ସହାୟତା ଯୋଗାଇଥାନ୍ତି। ଉପରଲିଖିତ ସୋପାନରୁ ଏହା ସୁସ୍ପଷ୍ଟ ଯେ ଯୋଜନାଗୁଡ଼ିକ UEE ଲକ୍ଷ୍ୟ ହାସଲ ପାଇଁ ଏକାଧିକ ହସ୍ତକ୍ଷେପ ବା ଆବଶ୍ୟକ ବଜେଟର ଗାଣିତିକ ବ୍ୟାଖ୍ୟାନ ଥିବା ଏକ ସାଧାରଣ ଉକ୍ତି/ପତ୍ର ନୁହେଁ। ଏହା ଜିଲା ସ୍ତରରେ UEEର ଅଗ୍ରଗତି ତଦାରଖର ଏକ ମାର୍ଗଦର୍ଶକ ଅଟେ।

## ଯୋଜନା ପାଇଁ ସାଧନ କେନ୍ଦ୍ର

DIETଏବଂ DPEPର ଏକ ଯୋଜନା ଓ ପରିଚାଳନା ଏକକ ରହିଛି। ଜିଲା ପରିପ୍ରେକ୍ଷଣ (Perspective) ଓ ବାର୍ଷିକ ଯୋଜନା ପ୍ରସ୍ତୁତିରେ ଏହି ଏକକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆଂଚଳିକ ଓ ଗୋଷ୍ଠୀ ସାଧନ କେନ୍ଦ୍ର ବାର୍ଷିକ ତଥା ପରିପ୍ରେକ୍ଷଣ ଶିକ୍ଷା ବିକାଶ ଯୋଜନା ପ୍ରସ୍ତୁତିରେ ବିଦ୍ୟାଳୟ ସ୍ତରରେ ଶିକ୍ଷକ, ଗାଁ ପଂଚାୟତର କର୍ମଚାରୀ ଏବଂ ପଂଚାୟତ ସମିତିକୁ ସହାୟତା ପ୍ରଦାନ କରିଥାନ୍ତି।



ଟିପ୍ପଣୀ

### (ଘ) ମୂଲ୍ୟ ନିରୂପଣ

ଜିଲା ଯୋଜନାର ଚୂଡ଼ାନ୍ତ ରୁପାୟନ ଏହାର ମୂଲ୍ୟ ନିରୂପଣ(ନିର୍ଦ୍ଧାରଣ) ପ୍ରକ୍ରିୟା ଜରିଆରେ କରାଯାଇଥାଏ। ମୂଲ୍ୟ ନିର୍ଦ୍ଧାରଣ ଦ୍ୱାରା ନିମ୍ନଲିଖିତ ତଥ୍ୟ ପ୍ରାପ୍ତ ହୋଇଥାଏ:

- ଉପଲବ୍ଧ ପ୍ରାମାଣିକ ତଥ୍ୟ ବାସ୍ତବ ସ୍ଥିତି ଆଧାରିତ କି ନୁହେଁ
- ଆବଶ୍ୟକତାର ଯଥାର୍ଥତା ପ୍ରତିପାଦନ ଯୁକ୍ତିସଂଗତ କି ନା
- ସାମ୍ପ୍ରତିକ ସ୍ଥିତି ଓ UEEର ଅନ୍ତିମ ଲକ୍ଷ୍ୟ ମଧ୍ୟରେ ଥିବା ପାର୍ଥକ୍ୟ ଦୂରୀକରଣରେ ଅଗ୍ରଗତି ସମ୍ଭବ କି ?
- ପ୍ରସ୍ତାବିତ ହସ୍ତକ୍ଷେପ କୌଶଳ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମ୍ଭବ କି
- ପ୍ରସ୍ତାବିତ ଯୋଜନା ଆର୍ଥିକ, ବୈଷୟିକ, ସାମାଜିକ ଓ ରାଜନୈତିକ ଦୃଷ୍ଟିକୋଣରୁ ସମ୍ଭବ ଏବଂ ଉପଯୁକ୍ତ କି
- କେଉଁ ସବୁ ଆଶଙ୍କା ଓ ସୁଯୋଗ ରହିଛି ଇତ୍ୟାଦି

ସକାରାତ୍ମକ ମୂଲ୍ୟ ନିରୂପିତ ପରେ ଚିଠା ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ଶିକ୍ଷା, ଅର୍ଥ, ମହିଳା ଓ ଶିଶୁ ବିକାଶ ବିଭାଗ ବ୍ୟାପକ ଯାଂଚପରଖ କରିଥାନ୍ତି। ରାଜ୍ୟସରକାରଙ୍କର ବିଭିନ୍ନ ବିଭାଗଗୁଡ଼ିକ ଆଂଶିକ ବା ପୂର୍ଣ୍ଣଭାବେ ଜିଲ୍ଲା ଯୋଜନା ପ୍ରସ୍ତାବକୁ ଅନୁମୋଦନ କରିଥାନ୍ତି ବା କୌଣସି ପ୍ରସଙ୍ଗରେ ସ୍ପଷ୍ଟୀକରଣ ମାଗିଥାନ୍ତି ଅଥବା ଲକ୍ଷ୍ୟର ଉପଯୁକ୍ତତା ପାଇଁ ପରାମର୍ଶ ଦେଇଥାନ୍ତି। ଆବଶ୍ୟକ ସଂଶୋଧନ ପରେ ପୁନଃ ଉପସ୍ଥାପିତ ଜିଲ୍ଲା ଚିଠା ଯୋଜନାକୁ ଅନୁମୋଦନ କରାଯାଏ ଏବଂ କାର୍ଯ୍ୟକାରୀ କରିବା ପାଇଁ ଅନୁମତି ପ୍ରଦାନ କରାଯାଏ। ବିଦ୍ୟାଳୟ ମାନଚିତ୍ରଣ ଆଧାରିତ ଜିଲା ବାର୍ଷିକ ଯୋଜନା ଓ ପରିପ୍ରେକ୍ଷଣ ଯୋଜନା ପ୍ରସ୍ତୁତି ବ୍ୟତୀତ ଘରୋଇ ବିଦ୍ୟାଳୟ, ବେସରକାରୀ ସଂଗଠନ ଓ ଅନ୍ୟ ଅଂଶୀଦାରଙ୍କ ସହଯୋଗରେ DEO ଏହାକୁ କାର୍ଯ୍ୟକାରୀ କରିଥାନ୍ତି।

### (ଙ) କାର୍ଯ୍ୟାନ୍ୱୟନ

UEE ପାଇଁ ଜିଲା ଓ ଜିଲା ତଳସ୍ତରରେ ଯୋଜନା କେବଳ ଆରମ୍ଭ ମାତ୍ର। ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରାଯିବା ଆବଶ୍ୟକ। ଏହା ଧ୍ୟାନ ଦିଆଯିବା ଉଚିତ ଯେ ଜିଲା ଶିକ୍ଷା କମିଟି, ବ୍ଲକ୍ ଶିକ୍ଷା କମିଟି, ବିଦ୍ୟାଳୟ ପରିଚାଳନା କମିଟି ଏବଂ ଅନ୍ୟାନ୍ୟ କମିଟି ଶିକ୍ଷା ବିକାଶ ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ସେମାନଙ୍କ ପୁରାତନ ପଦ୍ଧତି ପରିବର୍ତ୍ତନ କରିବା ସହ ନୂଆ ପଦ୍ଧତି ଆପଣେଇବା ଉଚିତ। ସେମାନେ ପ୍ରତ୍ୟେକ ନିର୍ଣ୍ଣାୟକ ପ୍ରକ୍ରିୟାରେ ପିତାମାତା, ଶିକ୍ଷକ,

ଟିପ୍ପଣୀ

ବେସରକାରୀ ସଂଗଠନ, ସ୍ଥାନୀୟ ଗୋଷ୍ଠୀ ପ୍ରତିନିଧିଙ୍କୁ ସାମିଲ କରିବା ଆବଶ୍ୟକ; ଯାହା ଦ୍ୱାରା ଶିକ୍ଷା ଅଧିକାର ଆଇନ କାୟଃ ମନୋବାକ୍ୟ (ଉପଯୁକ୍ତଭାବେ)ରେ କାର୍ଯ୍ୟକାରୀ ହୋଇପାରିବ। ଯୋଜନା ପ୍ରକ୍ରିୟାରେ ଶିକ୍ଷକ ସମ୍ପ୍ରଦାୟର ଅନ୍ତର୍ଭୁକ୍ତି ଦର୍ଶାଇଥାନ୍ତି ଯେ ସେହି ଅଂଚଳର ଲୋକଙ୍କ ସହ ମିଶି UEE କାର୍ଯ୍ୟାନ୍ୱୟନରେ ନିୟୋଜିତ ସଂଗଠନଗୁଡ଼ିକ ମଧ୍ୟରେ ବିଦ୍ୟାଳୟ ହେଉଛି ପ୍ରମୁଖ ଅନୁଷ୍ଠାନ।

ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ତାଙ୍କ କର୍ମଚାରୀ ଗୋଷ୍ଠୀ ସାଧନ କେନ୍ଦ୍ରଭାବେ କାର୍ଯ୍ୟ କରିଥାନ୍ତି। ଗୋଷ୍ଠୀ ସାଧନ କେନ୍ଦ୍ରର କର୍ମଚାରୀମାନେ ପ୍ରତିବର୍ଷ ସାନି ଶିକ୍ଷାଦାନ-ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତିରେ ପ୍ରତ୍ୟେକ ବିଦ୍ୟାଳୟକୁ ସହାୟତା ଯୋଗାଇଥାନ୍ତି।

ଏହା ବ୍ୟତୀତ ପ୍ରତ୍ୟେକ ୧୫ଟି ଗାଁ ପାଇଁ ଗୋଟିଏ ଲେଖାଏଁ ଆଂଚଳିକ ସାଧନ କେନ୍ଦ୍ର ରହିଛି। BRC ଓ CRC କର୍ମଚାରୀଙ୍କ ଜରିଆରେ ଏହା ସମ୍ଭବ ହୋଇଥାଏ-

- ପ୍ରତ୍ୟେକ ମାସରେ ବିଦ୍ୟାଳୟ ପରିଦର୍ଶନ
- ଶିକ୍ଷକଙ୍କୁ ପାଠ୍ୟକ୍ରମ ସହାୟତା ଯୋଗାଣ

**ନିଜ ପ୍ରଗତିକୁ ପରଖି ଦେଖ-୪**

୧- ବିଦ୍ୟାଳୟ ସ୍ତରରେ ପ୍ରାରମ୍ଭିକ ଶିକ୍ଷାର ବିକାଶ ପାଇଁ ପ୍ରସ୍ତାବ ପ୍ରସ୍ତୁତ କରିବାରେ ଆବଶ୍ୟକ ତଥ୍ୟର ଉତ୍ସଗୁଡ଼ିକ କ'ଣ ?

-----------------------------------------------------------

-----------------------------------------------------------

-----------------------------------------------------------

୨- ଏକ ଯୋଜନାର ମୂଲ୍ୟ ନିରୂପଣ କ'ଣ ? ବାର୍ଷିକ ଜିଲା ଶିକ୍ଷା ବିକାଶ ଯୋଜନାର ମୂଲ୍ୟ ନିରୂପଣ/ନିର୍ଦ୍ଧାରଣ କିଏ କରିଥାନ୍ତି ?

-----------------------------------------------------------

-----------------------------------------------------------

-----------------------------------------------------------

UEE ଲକ୍ଷ୍ୟ ହାସଲ ପାଇଁ ଜିଲା ଯୋଜନାର କାର୍ଯ୍ୟାନ୍ୱୟନରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା କେତେକ ସଂଗଠନ ସଂକ୍ରାନ୍ତ ସଂକ୍ଷିପ୍ତ ବିବରଣୀ ନିମ୍ନରେ ପ୍ରଦାନ କରାଗଲା:-

ଟିପ୍ପଣୀ

**ସରକାରୀ ଓ ଘରୋଇ ସଂଗଠନ ମଧ୍ୟରେ ଭାଗିଦାରୀ**

ଶିକ୍ଷାର କ୍ରମବର୍ଦ୍ଧିଷ୍ଣୁ ଚାହିଦାକୁ ଉପଯୁକ୍ତଭାବେ ପୂରଣ କରିବା ଏକାକୀ ସରକାରଙ୍କ ପାଇଁ କଷ୍ଟକର। ଏଥି ପାଇଁ ଅନ୍ୟ ବେସରକାରୀ ସଂଗଠନର ସହଯୋଗ ଓ ସହଭାଗିତା ଅନିବାର୍ଯ୍ୟ। UEE କାର୍ଯ୍ୟାନ୍ୱୟନରେ ଭାଗିଦାର ଭାବେ ଘରୋଇ ପ୍ରତିଷ୍ଠାନକୁ ସରକାର ଗୁରୁତ୍ୱ ଦେଉଛନ୍ତି। ଏହା ପୂର୍ବ ସ୍ଥିତିର ଏକ ବଡ଼ ପରିବର୍ତ୍ତନ। ରାଜ୍ୟ ସରକାର ଓ ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥା ଅନ୍ୟ ବେସରକାରୀ ସଂଗଠନ (NGO), ଉଦ୍ୟୋଗ ଏବଂ ଅନ୍ୟ ବେସରକାରୀ ସଂସ୍ଥା ସହ ମିଶି ପ୍ରାରମ୍ଭିକ ଶିକ୍ଷାକୁ ଉପଯୁକ୍ତଭାବେ ପରିବେଷଣ ନିମନ୍ତେ ଭାଗିଦାରୀ ଭିତ୍ତିରେ ପରସ୍ପରକୁ ଆବଶ୍ୟକ ବିଭିନ୍ନ ପ୍ରକାର ସହଯୋଗ ଓ ସହାୟତା ଯୋଗାଉଛନ୍ତି।

ଏକ ବ୍ୟାପକ ନୀତି ସ୍ୱରୂପ ସରକାର ସବୁ ସ୍ତରରେ ବେସରକାରୀ ସଂଗଠନ (NGO) ସହିତ ଭାଗିଦାରୀ ଭିତ୍ତିରେ କାର୍ଯ୍ୟ ପାଇଁ ପ୍ରୋତ୍ସାହନ ଯୋଗାଉଛନ୍ତି। ସାମାଜିକ ବିକାଶ କାର୍ଯ୍ୟରେ ବେଶ୍ କିଛି ବର୍ଷ ହେଲା ନିୟୋଜିତ କିଛି NGO ସମ୍ପ୍ରତି ଦକ୍ଷତାର ସହ Day Care Center (ଦିବା ଯତ୍ନ କେନ୍ଦ୍ର), ଭ୍ରାମ୍ୟମାଣ କ୍ରେଚ୍, ଶିଶୁଭବନ, ଚାରଓ୍ୱାହା ବିଦ୍ୟାଳୟ, ପ୍ରାଥମିକ ଓ ପ୍ରାକ୍-ପ୍ରାଥମିକ ବିଦ୍ୟାଳୟ ଚଳାଉଛନ୍ତି।

ଜିଲ୍ଲା ସ୍ତରରେ କାର୍ଯ୍ୟରତ ସେହିସବୁ NGO ଗୁଡ଼ିକୁ ଚିହ୍ନଟ କରାଯାଇ ପାଠରୁ ବଂଚିତ ପିଲାଙ୍କୁ ବିଦ୍ୟାଳୟକୁ ଆଣିବା କାର୍ଯ୍ୟରେ ଅଂଶୀଦାର କରାଯାଉଛି। NGO ଙ୍କୁ ଅଂଶୀଦାର କରାଇବା ଯୋଗୁ ସ୍ଥାନୀୟ ସ୍ତରରେ ସରକାରଙ୍କ କାର୍ଯ୍ୟଧାରାରେ ପରିବର୍ତ୍ତନ ଆସିଛି। NGO ମାନଙ୍କ ସହ ଭାଗିଦାରୀ ତିନୋଟି ଉପାୟରେ ହୋଇଥାଏ।

- କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତ୍ୟକ୍ଷ ଆର୍ଥିକ ସହାୟତା ପ୍ରଦାନ
- ଚିହ୍ନିତ କେତେକ ଜାତୀୟ ଓ ରାଜ୍ୟ ସାଧନ କେନ୍ଦ୍ର ଦ୍ୱାରା ଆର୍ଥିକ ସହାୟତା
- ଗୋଷ୍ଠୀ କ୍ରିୟାକଳାପକୁ କାର୍ଯ୍ୟାନ୍ୱିତ କରିବା ପାଇଁ ଗ୍ରାମ୍ୟ ଶିକ୍ଷା କମିଟି ଦ୍ୱାରା ଆର୍ଥିକ ସହାୟତା ପ୍ରଦାନ

RTE ନିମ୍ନଲିଖିତ କ୍ଷେତ୍ରରେ NGOଙ୍କ ସହ ସକ୍ରିୟ ଭାଗିଦାରୀର ବ୍ୟବସ୍ଥା ରଖିଅଛି :

- ସଚେତନତା ବୃଦ୍ଧି
- ଦକ୍ଷତା ନିର୍ମାଣ-ଯୋଜନା ଓ କାର୍ଯ୍ୟାନ୍ୱୟନ ପାଇଁ ଉପଯୁକ୍ତ ଶିକ୍ଷକ ତାଲିମ କାର୍ଯ୍ୟକ୍ରମର ବିକାଶ, ଗୋଷ୍ଠୀ ଓ ସାଧନ କେନ୍ଦ୍ରର ଦକ୍ଷତା ନିର୍ମାଣ
- UEE ସଂକ୍ରାନ୍ତ ଗବେଷଣା, ମୂଲ୍ୟାୟନ ଓ ତଦାରଖ
- ନୂତନ ଶୈକ୍ଷିକ ବିଜ୍ଞାନର ବିକାଶ
- ବିଦ୍ୟାଳୟ ବାହାରେ ରହୁଥିବା ପିଲାଙ୍କୁ ମୁଖ୍ୟସ୍ରୋତକୁ ଆଣିବା
- ଲିଙ୍ଗଗତ ବୈଷମ୍ୟ ଦୂର କରିବା
- ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲା (CWSN)ଙ୍କ ସହ କାର୍ଯ୍ୟ ସମ୍ପାଦନ
- ବିଚାର ବିମର୍ଶ ଓ ଉତ୍ତରଦାୟିତ୍ୱ
- କାର୍ଯ୍ୟକ୍ରମ ସଂଚାଳନ ଏବଂ ଫଳାଫଳ ମୂଲ୍ୟାୟନରେ ସ୍ୱଚ୍ଛତା ବୃଦ୍ଧି

### ୭.୩.୪.୧ ବିଦ୍ୟାଳୟ ତଦାରଖ ଓ ପରିଦର୍ଶନ

**ଗୋଷ୍ଠୀର ଭୂମିକା**

ଗାଁ/ୱାର୍ଡ଼ରେ ବିଦ୍ୟାଳୟ ଓ ଅନ୍ୟ ଶୈକ୍ଷିକ ସୁବିଧା ତଦାରଖ ଓ ପରିଦର୍ଶନ କରିବାରେ ଗ୍ରାମ/ୱାର୍ଡ଼ ଶିକ୍ଷା କମିଟି ଏବଂ ଗୋଷ୍ଠୀର ମୁଖ୍ୟ କାର୍ଯ୍ୟ ଅଟେ। ଯୋଜନାର କାର୍ଯ୍ୟାନ୍ୱୟନରେ ଗୋଷ୍ଠୀ ଆଧାରିତ ତଦାରଖ ଓ ପରିଦର୍ଶନ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହା ନିଶ୍ଚିତ କରାଏ ଯେ:

- ସବୁ ପିଲା ବିଦ୍ୟାଳୟକୁ ନିୟମିତ ଆସିବେ ।
- ବାଳିକା ଓ ଅନ୍ୟ ଉପେକ୍ଷିତ ବର୍ଗର ପିଲାଙ୍କ ପଞ୍ଜିକରଣ ଓ ଧାରଣ
- ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଉପଲବ୍ଧ କରାଇବା
- ପିଲାମାନଙ୍କୁ ସେମାନଙ୍କ ନ୍ୟାଯ୍ୟ ଅଧିକାର ସାବ୍ୟସ୍ତ କରିବା ।
- କ୍ଷମତାପ୍ରାପ୍ତ ହୋଇଥିଲେ, ଆଂଚଳିକ ସ୍ତରରେ ଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରାଇବା
- VEC ଓ ପିତାମାତାଙ୍କ ସହ ଆଲୋଚନା ଜରିଆରେ ବିଦ୍ୟାଳୟ ସମୟ ନିର୍ଦ୍ଧାରଣ
- ବିଦ୍ୟାଳୟ ଭିତ୍ତିଭୂମିର ଉପଯୁକ୍ତ ବ୍ୟବହାର,
- ଉଦ୍ଦିଷ୍ଟ ଉଦ୍ଦେଶ୍ୟରେ ମଞ୍ଜୁର ରାଶିର ବିନିଯୋ.



ଟିପ୍ପଣୀ

- ବିକଳ୍ପ ବିଦ୍ୟାଳୟ ଆୟୋଜନ ଏବଂ ଉପଯୁକ୍ତଭାବେ ତଦାରଖ କରିବା ।
- ବିଦ୍ୟାଳୟରେ ଶିକ୍ଷାଦାନ-ଶିକ୍ଷଣ ସାମଗ୍ରୀ ଉପଲବ୍ଧ କରାଇବା ଏବଂ ଶ୍ରେଣୀ କକ୍ଷରେ ଶିକ୍ଷାଦାନ ସମୟରେ ବ୍ୟବହାର କରିବା

**BEOଙ୍କ ଭୂମିକା**

ସହକାରୀ ଶିକ୍ଷା ଅଧିକାରୀଙ୍କ ସହାୟତାରେ ବ୍ଲକ୍ ଶିକ୍ଷା ଅଧିକାରୀ (BEO) ନିମ୍ନ ଲିଖିତ କାର୍ଯ୍ୟ ସମ୍ପାଦନ କରିଥାନ୍ତି:

- ପ୍ରତି ବର୍ଷ ନିଜ ଅଧୀନରେ ଥିବା ଅଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ସମେତ ସମସ୍ତ ବିଦ୍ୟାଳୟ ପରିଦର୍ଶନ କରିବା
- ବିଦ୍ୟାଳୟ କୋଠା, ଭିତ୍ତିଭୂମି ଏବଂ ପିଲାମାନଙ୍କ ଉପବେସନ ବ୍ୟବସ୍ଥା ତଦାରଖ କରିବା
- ଜଳ ଓ ପରିମଳ ବ୍ୟବସ୍ଥା ବିଶେଷକରି ପାନୀୟ ଜଳ, ଶୌଚାଳୟ, ସଫେଇ ଏବଂ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରନ୍ଧନ ହେଉଥିଲେ ରୋଷେଇଘର ତଦାରଖ କରିବା
- ବିଦ୍ୟାଳୟରେ ଶିକ୍ଷକ ଓ ପ୍ରଧାନଶିକ୍ଷକଙ୍କ ଅଭିଲେଖନ ପାଇଁ ଆବଶ୍ୟକ ବିଭିନ୍ନ ରେକର୍ଡ଼ ଓ ରେଜିଷ୍ଟର ଯାଂଚ କରିବା
- ଅଭାବ, ଅସୁବିଧା ଏବଂ ଆବଶ୍ୟକତା ସଂକ୍ରାନ୍ତରେ DEOଙ୍କୁ ଅବଗତ କରାଇବା
- ଜନସଂଖ୍ୟା ଜନିତ, ଗ୍ରାମ, ପଂଚାୟତ, ସାଧନକେନ୍ଦ୍ର ଓ ବସତି ସଂଖ୍ୟା, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗର ପୁଅ ଓ ଝିଅ ସଂଖ୍ୟା, ବିଦ୍ୟାଳୟରେ ଅଧ୍ୟୟନରତ ଓ ବିଦ୍ୟାଳୟ ବାହାରେ ଥିବା ପିଲା ସଂଖ୍ୟା, ସ୍ୱତନ୍ତ୍ର ସହାୟତା ଆବଶ୍ୟକ କରୁଥିବା ପିଲା ସଂଖ୍ୟା ଇତ୍ୟାଦି ସୁଚନା ପ୍ରାପ୍ତ କରିବା
- ବିଦ୍ୟାଳୟ ବୟସ ଯୋଗ୍ୟ ପିଲାଙ୍କୁ ସେବା ପ୍ରଦନ କରୁଥିବା ବେସରକାରୀ ସଂଗଠନ ଓ ଅନ୍ୟାନ୍ୟ ସଂସ୍ଥାଙ୍କ ବିଷୟରେ ତଥ୍ୟ ସଂଗ୍ରହ କରିବା

ତଦାରଖ ଓ ପରିଦର୍ଶନ କାର୍ଯ୍ୟକ୍ରମର ଅଂଶସ୍ୱରୂପ ବ୍ଲକ୍ ଶିକ୍ଷା ଅଧିକାରୀ ସଂଗ୍ରହ କରିଥିବା ଉପରଲିଖିତ ତଥ୍ୟ ଜିଲା ବାର୍ଷିକ କାର୍ଯ୍ୟ ଯୋଜନା ଓ ବଜେଟ୍ ପ୍ରସ୍ତୁତିର ଆଧାର ହୋଇଥାଏ ।

ଟିପ୍ପଣୀ

**ନିଜ ପ୍ରଗତିକୁ ପରଖି ଦେଖ-୫**

୧ - ସରକାରୀ-ଘରୋଇ ଭାଗିଦାରୀ କହିଲେ କ'ଣ ବୁଝ ? ଏହା କାହିଁକି ଆବଶ୍ୟକ ?

---------------------------------------------------------------

---------------------------------------------------------------

---------------------------------------------------------------

୨ - UEEରେ NGOଙ୍କ କେଉଁ ପ୍ରକାରର ଭାଗିଦାରୀର ପରିକଳ୍ପନା କରାଯାଇଛି ?

---------------------------------------------------------------

---------------------------------------------------------------

---------------------------------------------------------------

୩- UEE ପାଇଁ ଅଣୁ-ଯୋଜନାରେ DEOଙ୍କ ଭୂମିକା କ'ଣ ?

---------------------------------------------------------------

---------------------------------------------------------------

---------------------------------------------------------------

## ୭.୪ ପ୍ରାରମ୍ଭିକ ଶିକ୍ଷାରେ ପରିଚାଳନା ଓ ଶାସନ ସମସ୍ୟା

### ୭.୪.୧ ଶାସନ ସଂକ୍ରାନ୍ତ ସମସ୍ୟା

ପ୍ରାରମ୍ଭିକ ଶିକ୍ଷାର ବିକେନ୍ଦ୍ରୀକୃତ ବ୍ୟବସ୍ଥାରେ ଶାସନର କେତେକ ମୌଳିକ ସମସ୍ୟା ରହିଛି; ଯାହାର ସମାଧାନ କରାଯିବା ଅତ୍ୟନ୍ତ ଜରୁରୀ। ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାରେ ପ୍ରବେଶ ପାଇଁ ଛାତ୍ରଛାତ୍ରୀଙ୍କ ଅଧିକାର ସାବ୍ୟସ୍ତ କରିବା ନିମନ୍ତେ ଏକ ପଦ୍ଧତି ରହିବା ଆବଶ୍ୟକ। ଏହା ଏତେ ସରଳ ହେବା ଆବଶ୍ୟକ ଯେଉଁଥିରେ ପ୍ରତ୍ୟେକ ବିଦ୍ୟାଳୟ ପାଇଁ ନିଜର ପ୍ରବେଶ ସଂକ୍ରାନ୍ତ ନୀତି ଏବଂ ଏକ ବାର୍ଷିକ ରିପୋର୍ଟ ଦାଖଲ କରିବେ, ଯେଉଁଥିରେ କେତେ ଛାତ୍ରଛାତ୍ରୀ ଆବେଦନ କରିଥିଲେ ଏବଂ କେତେ ନାମଲେଖାଇଲେ ତାହାର ଚିଠା ଥିବ। ଶାସନ ବ୍ୟବସ୍ଥାରେ କିଛି ପରିମାଣର ପାଣ୍ଠିରେ ରୋକ ବା ସ୍ୱୀକୃତି ପ୍ରତ୍ୟାହାର କଟକଣା ରହିବ। ଯଦି ନିଜ ପସନ୍ଦର ବିକଳ୍ପ ରହିଛି, ତେବେ ସମାନତା ସଂକ୍ରାନ୍ତ ସମସ୍ୟାର ସମାଧାନ ହେବା ଉଚିତ। ଯେଉଁ ସବୁ



ଟିପ୍ପଣୀ

ପ୍ରଶ୍ନର ସମାଧାନ କରାଯିବା ଉଚିତ ସେଗୁଡ଼ିକ ମଧ୍ୟରେ ପସନ୍ଦ ପ୍ରକ୍ରିୟାର ପ୍ରଚାର,ଛାତ୍ରଛାତ୍ରୀଙ୍କୁ ଚୟନ କରିବା ପଦ୍ଧତି ଏବଂ ନିଜ ନିଜର ପସନ୍ଦ ଅନୁସାରେ ସୁଯୋଗ ପାଉନଥିବା ଛାତ୍ରଛାତ୍ରୀଙ୍କ ସ୍ଥିତି ଆଦି ଅନ୍ୟତମ। ସମାନ ସ୍ଥିତିରେ ସବୁ ଛାତ୍ରଛାତ୍ରୀଙ୍କୁ ଗୋଟିଏ ବିଦ୍ୟାଳୟରେ ପ୍ରବେଶ ସୁଯୋଗ ଦିଆଯିବା ଆବଶ୍ୟକ। ଏହିସବୁ ସମସ୍ୟାର ସମାଧାନ ନହେଲେ ସମ୍ବିଧାନରେ ଉଲ୍ଲିଖିତ ସମାନତା ଅଧିକାର ବ୍ୟାହତ ହେବା ଆଶଙ୍କା ରହିଛି।

**ଶାସନ ସଂକ୍ରାନ୍ତ କିଛି ମହତ୍ୱପୂର୍ଣ୍ଣ ସମସ୍ୟା ନିମ୍ନରେ ଦିଆଗଲା:**

- ଯଦି କେନ୍ଦ୍ର ସରକାର ପ୍ରାଥମିକ ଶିକ୍ଷା ପ୍ରଦାନ ପାଇଁ ଉତ୍ତରଦାୟୀ ଥିବା ସ୍ଥାନୀୟ ସଂସ୍ଥାକୁ ପାଣ୍ଠି ଯୋଗାଣ ଜାରି ରଖନ୍ତି, ତେବେ ସେମାନେ ସରକାରୀ ପାଣ୍ଠି ସୁରକ୍ଷିତ ଓ ଏହାର ସଦୁପଯୋଗ ହେଉଥିବା ବିଷୟ ପ୍ରତିଶ୍ରୁତି ଦେବେ କି ?
- ବିଭିନ୍ନ ସ୍ଥାନୀୟ ସଂସ୍ଥାକୁ ପାଣ୍ଠି ଯୋଗାଣ କିପରି ଭାବରେ କରାଯିବ ?
- ପ୍ରାପ୍ତ ପାଣ୍ଠିର ସଦୁପଯୋଗ ପାଇଁ ସ୍ଥାନୀୟ ସଂସ୍ଥାଙ୍କୁ କେଉଁସବୁ ସ୍ୱାଧୀନତା ଦିଆଯିବ ?
- ଯଦି ସ୍ଥାନୀୟ ସଂସ୍ଥା ନିଜ ପାଇଁ ଆବଶ୍ୟକ ପାଣ୍ଠି ନିଜେ ବ୍ୟବସ୍ଥା କରନ୍ତି, ତେବେ ସେମାନେ କେଉଁ କେଉଁ ଅନୁଷ୍ଠାନକୁ କାର୍ଯ୍ୟରେ ଲଗାଇ ପାରିବେ ?
- ଯଦି ସ୍ଥାନୀୟ ସଂସ୍ଥାଙ୍କୁ ଟିକସ ଲଗାଇବା ଅଧିକାର ଦିଆଯାଏ ତେବେ, ଟିକସର ଆଧାର (ପ୍ରାଥମିକ ଶିକ୍ଷା ପ୍ରଦାନ କରିବା) କାର୍ଯ୍ୟ ସମ୍ପାଦନ ପାଇଁ ପର୍ଯ୍ୟାପ୍ତ ହେବ କି ?
- ସ୍ଥାନୀୟ ଅଧିକାରୀଙ୍କ ଦ୍ୱାରା ପ୍ରାପ୍ତ ପାଣ୍ଠିର ନିରୀକ୍ଷଣ କିଏ କରିବେ ଓ ଏହାର ସମୀକ୍ଷା କାହା ଉପରେ ନ୍ୟସ୍ତ ରହିବ ?

ଏଥି ମଧ୍ୟରୁ ଅଧିକାଂଶ ସମସ୍ୟାର ସମାଧାନ ଶିକ୍ଷା ଅଧିକାର ଆଇନରେ ରଖାଯାଇଛି।

### ୭.୪.୨ ଶିକ୍ଷକ ନିଯୁକ୍ତି ଓ ପରିଚାଳନା

ଶିକ୍ଷା ଅଧିକାର ଆଇନ ଶିକ୍ଷକ ପଦ ପରିଚାଳନା ବ୍ୟବସ୍ଥାକୁ ବିକେନ୍ଦ୍ରୀକୃତ କରବା ପ୍ରୋତ୍ସାହିତ କରିଥାଏ। ଶିକ୍ଷକଙ୍କ ପ୍ରମାଣିକରଣ, ନିଯୁକ୍ତି, ଧାରଣ ଏବଂ ପଦୋନ୍ନତି ସମସ୍ୟାର ସମାଧାନ ଆଇନ ଜରିଆରେ କରାଯାଇଥାଏ। ଆମେ ଯେତେବେଳେ କହୁ କି ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ ପାଇଁ ବ୍ୟାପକ ପ୍ରତିଷ୍ଠାନଗତ ସଂସ୍କାରର ଆବଶ୍ୟକତା ରହିଛି, ସେତେବେଳେ ଏହି ସମସ୍ତ ଶାସନ ଓ ପରିଚାଳନା ଗତ ସମସ୍ୟା ଆଡକୁ ଦୃଷ୍ଟି ଦେଇଥାଉ।

ଟିପ୍ପଣୀ

ରାଜ୍ୟମାନଙ୍କୁ ନିଜସ୍ୱ ମାପଦଣ୍ଡ ପ୍ରସ୍ତୁତ କରିବାର ଅଧିକାର ପ୍ରଦାନ କରାଯାଇଛି। ମାତ୍ର ସେମାନଙ୍କ ମାପଦଣ୍ଡ NCTE ଦ୍ୱାରା ସ୍ଥାପିତ ମାନକ ଅନୁସାରେ ସଂଗତ ହେବା ବିଧେୟ। ସ୍ଥାନୀୟ ସରକାର ଶିକ୍ଷକ ଚୟନ କରିପାରିବେ ଏବଂ ଚୟନ ପ୍ରକ୍ରିୟାରେ ଗୋଷ୍ଠୀ ମଧ୍ୟ ଅଂଶଗ୍ରହଣ କରିପାରିବେ। ମାତ୍ର ଗୁଣବତ୍ତାରେ କୌଣସି ସାଲିସ କରାଯାଏ ନାହିଁ। ଶିକ୍ଷା ଅଧିକାର ଅଧିନିୟମ ଅନୁସାରେ, ରାଜ୍ୟର କୌଣସି ବିଦ୍ୟାଳୟରେ କେବଳ ଜଣେ ଶିକ୍ଷକ ରହିବେ ନାହିଁ ଏବଂ ଶିକ୍ଷକଙ୍କ ସଂଖ୍ୟାର ୫୦ ପ୍ରତିଶତ ମହିଳା ବା ଶିକ୍ଷୟିତ୍ରୀ ରହିବେ।

ଶିକ୍ଷକଙ୍କୁ ବେତନ ପ୍ରଦାନ ପ୍ରସଙ୍ଗରେ ଅନେକ ଭିନ୍ନତା ଦେଖାଯାଏ। ରାଜ୍ୟରେ ବେସରକାରୀ ବିଦ୍ୟାଳୟ କାର୍ଯ୍ୟକ୍ଷମ ହେବା ଏବଂ ବେସରକାରୀ ସଂଗଠନ ଦ୍ୱାରା ବିଦ୍ୟାଳୟ ପରିଚାଳିତ ହେବା ଯୋଗୁ ଏହି ସମସ୍ୟା ଅଧିକ ଜଟିଳ ହୋଇଛି। ଏଣୁ କାର୍ଯ୍ୟରତ ଶିକ୍ଷକଙ୍କ ସମୟାନୁପାତିକ ବେତନ ବୃଦ୍ଧି ଏକ ସମସ୍ୟାଭାବେ ଉଭା ହେଉଛି।

### ୭.୪.୩ ବିଦ୍ୟାଳୟ ପରିଚାଳନା କମିଟି (SMC) ର ଭୂମିକା

ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିଶ୍ଚିତ କରିବା ସହ ବିଦ୍ୟାଳୟ ଅନୁଶାସନରେ ବିଦ୍ୟାଳୟ ପରିଚାଳନା କମିଟିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଶିକ୍ଷାର ସମସ୍ତ ଭାଗିଦାରଙ୍କ ପ୍ରତିନିଧିଙ୍କୁ ଏକାଠି କରିବା ସହ ଏହା ବ୍ୟାପକ ତଥା ସହମତିପୂର୍ଣ୍ଣ ନିର୍ଣ୍ଣୟ ନେବାର ମୂଳଦୁଆ ପକାଏ।

ସ୍ୱୀକୃତି ପାଇବାର ୬ ମାସ ମଧ୍ୟରେ ଅଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ବ୍ୟତିରେକ ପ୍ରତ୍ୟେକ ବିଦ୍ୟାଳୟରେ ଏକ ବିଦ୍ୟାଳୟ ପରିଚାଳନା କମିଟି (SMC) ଗଠନ କରାଯିବା ଏବଂ ପ୍ରତି ଦୁଇ ବର୍ଷରେ ଏହା ପୁନର୍ଗଠିତ ହେବା ଆବଶ୍ୟକ।

- SMCସଦସ୍ୟ ସଂଖ୍ୟାର ୭୫% ପିଲାଙ୍କ ପିତାମାତା ବା ଅଭିଭାବକ ରହିବେ
- ଅବଶିଷ୍ଟ ୨୫% ସଦସ୍ୟ ନିମ୍ନ ପ୍ରଦତ୍ତ ନିୟମାବଳି ଅନୁସାରେ ରହିବେ।
- ଏକ ତୃତୀୟାଂଶ ସଦସ୍ୟ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରୁ ଚୟନ କରାଯିବେ। ଏହାକୁ ସ୍ଥାନୀୟ ପ୍ରଶାସନ ନିର୍ଦ୍ଧାରଣ କରିବେ।



ଟିପ୍ପଣୀ

- ଏକ ତୃତୀୟାଂଶ ସଦସ୍ୟ ବିଦ୍ୟାଳୟ ଶିକ୍ଷକଙ୍କ ମଧ୍ୟରୁ ରହିବେ; ଯାହାଙ୍କୁ ବିଦ୍ୟାଳୟର ଶିକ୍ଷକମାନେ ବାଛିବେ।
- ଅବଶିଷ୍ଟ ଏକତୃତୀୟାଂଶ ପଦରେ ସ୍ଥାନୀୟ ଶିକ୍ଷାବିତ୍/ପିଲା ରହିବେ। ଏସଂକ୍ରାନ୍ତରେ କମିଟିର ସଦସ୍ୟ ଥିବା ପିତାମାତାମାନେ ନିଷ୍ପତ୍ତିନେବେ।

**ଶିଶୁ ଅଧିକାର ସୁରକ୍ଷା**

ତୃତୀୟ ଏକକରେ ଶିଶୁ ଅଧିକାର ବିଷୟରେ ସବିଶେଷ ଆଲୋଚନା କରାଯାଇଛି। ଶିଶୁ ଅଧିକାରର ସୁରକ୍ଷା ନିତାନ୍ତ ଆବଶ୍ୟକ। ନିମ୍ନରେ କେତେକ ଶିଶୁ ଅଧିକାରର ପୁନଃ ଅବତାରଣା କରାଯାଇଛି। ସେଗୁଡ଼ିକ ହେଲା:

- ବଂଚିବାର ଅଧିକାର
- ପାରିବାରିକ ଅଧିକାର
- ସ୍ୱାଧୀନ ମତପୋଷଣ ଅଧିକାର
- ସ୍ୱାସ୍ଥ୍ୟ ଓ ବିକାଶର ଅଧିକାର
- ନିର୍ଯାତନା ଓ ଶୋଷଣ ବିରୋଧୀ ଅଧିକାର
- ଶିକ୍ଷାଗତ ସମାନତା ଅଧିକାର
- ଗୌରବ ଓ ସମ୍ମାନର ଅଧିକାର
- ସାଂସ୍କୃତିକ ଓ ଐତିହ୍ୟ ଅଧିକାର
- ସର୍ବନିମ୍ନ ମୌଳିକ ଆବଶ୍ୟକତା ଯଥା-ବାସଗୃହ, ଶୌଚାଳୟ,ପାନୀୟ ଜଳ, ଆଲୋକିତ ଶ୍ରେଣୀକକ୍ଷ ଇତ୍ୟାଦି
- ବହି, କଳାପଟା, ବିଜ୍ଞାନାଗାର ଉପକରଣ, ଶିକ୍ଷକ
- ନିଃଶୁଳ୍କ ପରିଧାନ, ବହି, ମଧ୍ୟାହ୍ନଭୋଜନ
- ଗୁଣାତ୍ମକ ଶିକ୍ଷା
- ଆମୋଦପ୍ରମୋଦ ଓ ଅବକାଶ

ଶିକ୍ଷା ଅଧିକାର ଆଇନ୍ ଅନୁସାରେ ପ୍ରାଥମିକ ସ୍ତରରେ ଶିଶୁ ଅଧିକାରର ସୁରକ୍ଷା ଶିକ୍ଷକ, ପ୍ରଧାନ ଶିକ୍ଷକ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ପ୍ରାଥମିକ ଦାୟିତ୍ୱ।

ଟିପ୍ପଣୀ

## SMC ଦ୍ୱାରା ବିଦ୍ୟାଳୟ ବିକାଶ ଯୋଜନା ପ୍ରସ୍ତୁତି

SMC ଆର୍ଥିକ ବର୍ଷ ଶେଷର ଅତି କମ୍‌ରେ ତିନି ମାସ ପୂର୍ବରୁ ଏକ ବିଦ୍ୟାଳୟ ବିକାଶ ଯୋଜନା ପ୍ରସ୍ତୁତ କରିବ। ଏହି ଯୋଜନା ତିନି ବର୍ଷ ପାଇଁ କରାଯିବ ଏବଂ ଯେଉଁଥିରେ ତିନିଟି ବାର୍ଷିକ ଉପଯୋଜନା ରହିବ। ବିଦ୍ୟାଳୟ ବିକାଶ ଯୋଜନାରେ ନିମ୍ନଲିଖିତ ତଥ୍ୟ ରହିବା ବିଧେୟ-

- ପ୍ରତ୍ୟେକ ବର୍ଷ ପାଇଁ ଶ୍ରେଣୀଓ୍ୱାରୀ ପଞ୍ଜିକୃତ ସଂଖ୍ୟା
- ପ୍ରଧାନ ଶିକ୍ଷକ, ବିଷୟ ଶିକ୍ଷକ ଏବଂ ସାମୟିକ ଶିକ୍ଷକଙ୍କ ସମେତ ପ୍ରଥମରୁ ପଂଚମ ଏବଂ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପାଇଁ ନିୟମାନୁସାରେ ଆବଶ୍ୟକ ଅତିରିକ୍ତ ଶିକ୍ଷକ
- ନିର୍ଦ୍ଧାରିତ ମାନଦଣ୍ଡ ଅନୁସାରେ ତିନି ବର୍ଷ ପାଇଁ ଆବଶ୍ୟକ ଅତିରିକ୍ତ ଭିତ୍ତିଭୂମି ଓ ଉପକରଣ
- ତିନି ବର୍ଷ ପାଇଁ ବର୍ଷଓ୍ୱାରୀ ଏବଂ ବିଷୟଓ୍ୱାରୀ ଆବଶ୍ୟକ ପାଣ୍ଠି ବିବରଣୀ
- ଶିକ୍ଷକଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ ପାଇଁ ଅତିରିକ୍ତ ପାଣ୍ଠି ବ୍ୟବସ୍ଥା
- ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ହକ୍ ଯଥା-ନିଃଶୁଳ୍କ ପୁସ୍ତକ, ୟୁନିଫର୍ମ ଏବଂ କାର୍ଯ୍ୟପୁସ୍ତିକା ଇତ୍ୟାଦି ଯୋଗାଣ

## ଉପଯୁକ୍ତ ସରକାରୀ ବିଭାଗ ପ୍ରତି SMCର ଭୂମିକା

ଶିକ୍ଷା ଅଧିକାର ଆଇନ ଅନୁସାରେ ପ୍ରତ୍ୟେକ ପିଲା ନିୟମିତଭାବେ ବିଦ୍ୟାଳୟ ଯିବା ଆବଶ୍ୟକ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା, ପିଲାଙ୍କୁ ଶିକ୍ଷିତ କରିବା ସହ ଶିଶୁ ଶ୍ରମିକପ୍ରଥା ମୂଳୋତ୍ପାଟନ କରିବା।

ଶିକ୍ଷା ଅଧିକାର ନିୟମ ଅନୁସାରେ ଅନୁସୂଚିତ ଜାତି, ଜନଜାତି, ଶିକ୍ଷାକ୍ଷେତ୍ରରେ ପଛୁଆ ବର୍ଗର ପିଲାଙ୍କୁ ସେମାନଙ୍କ ହକ୍ ପ୍ରଦାନ ପାଇଁ SMC ସେହିସବୁ ବିଭାଗ ଓ ସଂଗଠନ ସହ ସକ୍ରିୟ ଭାଗିଦାରୀ ରଖିବା ସମ୍ମିଳିତ ଶିକ୍ଷାର ମୂଳ ଲକ୍ଷ୍ୟ।

ଭିନ୍ନକ୍ଷମ (ଦିବ୍ୟାଙ୍ଗ) ଶିଶୁଙ୍କୁ ସମାନ ସୁଯୋଗ ନିଶ୍ଚିତ କରାଇବାକୁ SMCକୁ ବିଭିନ୍ନ ସରକାରୀ ବିଭାଗ ସହ କାର୍ଯ୍ୟ କରିବାକୁ ପଡ଼େ।



ଟିପ୍ପଣୀ

ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ SMC ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ପଂଚାୟତିରାଜ ବିଭାଗ ସହ ସମ୍ପର୍କ ସ୍ଥାପନ କରିଥାଏ। ଏହା ଦ୍ୱାରା ପିଲାଙ୍କୁ ଘରୋଇ କାମଧନ୍ଦା ଓ ଦାୟିତ୍ୱରୁ ମୁକ୍ତିମିଳେ ଓ ସେମାନେ ବିଦ୍ୟାଳୟ ଯିବାକୁ ସକ୍ଷମ ହୋଇଥାନ୍ତି। ପଂଚାୟତିରାଜ ସଂସ୍ଥାଗୁଡ଼ିକ ଶିକ୍ଷା ଅଧିକାର ନିୟମ ଅନୁସାରେ ଉପଯୁକ୍ତଭାବେ ସାମିଲ ହୋଇ କାର୍ଯ୍ୟ ସମ୍ପାଦନ କରୁଥିବା SMC ନିଶ୍ଚିତ କରିଥାଏ।

ଶାରୀରିକ ଦଣ୍ଡବିଧାନରୁ ସୁରକ୍ଷା, ନିର୍ଯାତନା ଏବଂ ଦୁଷ୍କର୍ମରୁ ସୁରକ୍ଷା ମଧ୍ୟ ଶିଶୁ ସୁରକ୍ଷା ଅଧିକାର ଅନ୍ତର୍ଭୁକ୍ତ। ଶିଶୁ ଅଧିକାର ସୁରକ୍ଷା ନିଶ୍ଚିତ କରିବା ପାଇଁ SMC କେନ୍ଦ୍ର/ରାଜ୍ୟ ଶିଶୁ ଅଧିକାର କମିସନ୍, ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ସହ ସୁସମ୍ପର୍କ ରକ୍ଷା କରିଥାଏ।

**ନିଜ ପ୍ରଗତିକୁ ପରଖି ଦେଖ-୬**

୧ - ବିଦ୍ୟାଳୟରେ ଶିଶୁ ଅଧିକାର ସୁରକ୍ଷା ପାଇଁ କେଉଁମାନେ ଦାୟୀ ?

----------------------------------------------------------------

----------------------------------------------------------------

----------------------------------------------------------------

୨ - ଶିକ୍ଷା ଅଧିକାର ଆଇନ(RTE) ଅନୁସାରେ ବିଦ୍ୟାଳୟ ପରିଚାଳନା କମିଟିର ଗଠନ ବର୍ଣ୍ଣନା କର ?

----------------------------------------------------------------

----------------------------------------------------------------

----------------------------------------------------------------

୩- ବିଦ୍ୟାଳୟ ପରିଚାଳନା କମିଟି କି' କି' ଦାୟିତ୍ୱ ତୁଲାଇଥାଏ ଲେଖ ?

----------------------------------------------------------------

----------------------------------------------------------------

----------------------------------------------------------------



ଟିପ୍ପଣୀ

୪- ଶିଶୁ ଅଧିକାର ସୁରକ୍ଷା ପାଇଁ ବିଦ୍ୟାଳୟ ପରିଚାଳନା କମିଟି କେଉଁ ସବୁ ସରକାରୀ ବିଭାଗ ସହ କାର୍ଯ୍ୟ କରିଥାଏ ?

-----------------------------------------------------------

-----------------------------------------------------------

-----------------------------------------------------------

## ୭.୫ ବିଦ୍ୟାଳୟ ପରିଚାଳନା ବନାମ ଶିକ୍ଷା ଅଧିକାର ଆଇନ-୨୦୦୯

ଶିକ୍ଷା ଅଧିକାର ଆଇନ-୨୦୦୯ ଅନୁସାରେ UEE ନିମନ୍ତେ ବିଦ୍ୟାଳୟର କେତେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏକ ସରକାରୀ ବିଦ୍ୟାଳୟ ବ୍ୟତୀତ, ଏହି ଆଇନ କାର୍ଯ୍ୟକାରୀ ହେବା ପୂର୍ବରୁ ସ୍ଥାପିତ ହୋଇଥିବ ପ୍ରତ୍ୟେକ ବିଦ୍ୟାଳୟ ଆଇନ ଲାଗୁ ହେବାର ତିନି ମାସ ମଧ୍ୟରେ ସମ୍ପୃକ୍ତ ଜିଲା ଶିକ୍ଷା ଅଧିକାରୀଙ୍କ ନିକଟରେ Form No. 1 ରେ ନିମ୍ନଲିଖିତ ମାନଦଣ୍ଡ ଓ ମାନକ ତଥା ସର୍ତ୍ତାବଳୀ ପାଳନ ସଂକ୍ରାନ୍ତରେ ଘୋଷଣାନାମା ଦାଖଲ କରିବେ। ବିଦ୍ୟାଳୟ ପାଇଁ ଅନୁପାଳନୀୟ ସର୍ତ୍ତାବଳୀ ଓ ମାନକ ଗୁଡ଼ିକ ହେଲା:

କ) ବିଦ୍ୟାଳୟଟି ଏକ ସୋସାଇଟି (ସମିତି) ଦ୍ୱାରା ପରିଚାଳିତ; ଯାହା ସୋସାଇଟି ପଞ୍ଜିକରଣ ଆଇନ ୧୮୬୦ ଅଧୀନରେ ପଞ୍ଜିକୃତ ଅଥବା ଏକ ଟ୍ରଷ୍ଟ ଅଧୀନରେ କାର୍ଯ୍ୟକ୍ଷମ; ଯାହା ଆଇନାନୁସାରେ ଗଠିତ ହୋଇଛି

ଖ) କୌଣସି ବ୍ୟକ୍ତିବିଶେଷ, ସଂଗଠନ ବା ଅନ୍ୟ କୌଣସି ବ୍ୟକ୍ତିଙ୍କୁ ମୁନାଫା ପ୍ରଦାନ ଉଦ୍ଦେଶ୍ୟରେ ସ୍କୁଲଟି ଚାଲୁ ନାହିଁ

ଗ) ଭାରତୀୟ ସମ୍ବିଧାନରେ ଉଲ୍ଲେଖ ମୂଲ୍ୟବୋଧ ଅନୁସାରେ ଏହି ବିଦ୍ୟାଳୟ ପରିଚାଳିତ

ଘ) ବିଦ୍ୟାଳୟ କୋଠା ତଥା ଅନ୍ୟାନ୍ୟ ନିର୍ମିତ ଢାଂଚା ଓ ପଡ଼ିଆ କେବଳ ଶିକ୍ଷାଦାନ ଓ କୌଶଳ ବିକାଶ ନିମନ୍ତେ ବ୍ୟବହୃତ ହେଉଅଛି ।

ଙ) ରାଜ୍ୟ ସରକାର ବା ସ୍ଥାନୀୟ ପ୍ରଶାସନର ଯେକୌଣସି ଅଧିକାରୀଙ୍କ ଦ୍ୱାରା ଯାଂଚ ପାଇଁ ବିଦ୍ୟାଳୟ ଉନ୍ମୁକ୍ତ

ଚ) ଆଇନାନୁସାରେ ବିଦ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମି ରହିଛି



ଟିପ୍ପଣୀ

ଛ) ବିଦ୍ୟାଳୟ, ସମୟକୁ ସମୟ ଜିଲା ଶିକ୍ଷା ଅଧିକାରୀ ଚାହୁଁଥିବା ଆବଶ୍ୟକ ତଥ୍ୟ ପ୍ରଦାନ କରୁଛି ଏବଂ ବିଦ୍ୟାଳୟ ସ୍ୱୀକୃତି ପାଇଁ ଆବଶ୍ୟକ ତଥା ପରିଚାଳନା ସମୟରେ ଆସୁଥିବା ସମସ୍ୟା ଦୂର ପାଇଁ ରାଜ୍ୟ ସରକାର ଅଥବା ସ୍ଥାନୀୟ ପ୍ରଶାସନର ସେହିସବୁ ନିର୍ଦ୍ଦେଶକୁ ପାଳନ କରୁଛି ।

ଶିକ୍ଷା ଅଧିକାର ଆଇନ୨୦୦୯ର ଚତୁର୍ଥ ଭାଗ ଧାରା ୭ (୧,୨,୩) ଅନୁସାରେ କୌଣସି ସରକାରୀ, ଅନୁଦାନପ୍ରାପ୍ତ ବା ଅଣଅନୁଦାନପ୍ରାପ୍ତ ବିଦ୍ୟାଳୟ ସରକାରୀ ମାନ୍ୟତା ଚାହୁଁଥିଲେ ଏହା ସମାଜର ଦୁର୍ବଳ ତଥା ମୌଳିକ ସୁବିଧାରୁ ବଂଚିତ ବ୍ୟକ୍ତିଙ୍କ ପିଲାଙ୍କୁ ନାମ ଲେଖାଇବାକୁ ସୁଯୋଗ ଦେବା ଉଚିତ । ଯଦି କୌଣସି ବିଦ୍ୟାଳୟ ଏହାକୁ ପାଳନ ନକରନ୍ତି, ତେବେ ସେମାନଙ୍କୁ ଚେତାବନୀ ଦିଆଯିବ ବା ସେମାନଙ୍କ ସ୍ୱୀକୃତି ରଦ୍ଦ କରାଯିବ । ମହତ୍ୱପୂର୍ଣ୍ଣ କଥା ହେଲା, ଏହିସବୁ ପିଲାଙ୍କ ସହ ଭିନ୍ନ ପ୍ରକାରର ବ୍ୟବହାର କରାଯିବନାହିଁ ବା ସେମାନଙ୍କୁ ଶ୍ରେଣୀ କକ୍ଷରେ ପୃଥକଭାବେ ବ୍ୟବହାର ପ୍ରଦର୍ଶନ କରାଯିବ ନାହିଁ ।

ସେମାନଙ୍କ ସହ କୌଣସି ପ୍ରକାର ପକ୍ଷପାତ କରାଯିବ ନାହିଁ ଯେମିତି କି-ବିନାମୂଲ୍ୟରେ ପୁସ୍ତକ, ପୋଷାକ ଯୋଗାଣ ଏବଂ ପାଠାଗାର ଓ ICT ସୁଯୋଗରୁ ବଂଚିତ କରାଯିବା ତଥା ଖେଳ ଏବଂ ଅନ୍ୟାନ୍ୟ ସୁବିଧାରୁ ବଂଚିତ କରାଯିବା ।

ବିଦ୍ୟାଳୟ, NCTE, NCERT ଏବଂ SCERT ଦ୍ୱାରା ନିର୍ଦ୍ଧାରିତ ମାନଦଣ୍ଡ ଅନୁସାରେ ଯୋଗ୍ୟ ଶିକ୍ଷକ ନିଯୁକ୍ତି କରିବା ଆବଶ୍ୟକ । ଯୋଗ୍ୟ ଶିକ୍ଷକ ନିଯୁକ୍ତି ହୋଇନଥିଲେ ବିଦ୍ୟାଳୟର ସ୍ୱୀକୃତି ରଦ୍ଦ କରାଯିବା ବ୍ୟବସ୍ଥା ମଧ୍ୟ ରହିଛି । କୌଣସି ରାଜ୍ୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ତାଲିମ ପ୍ରତିଷ୍ଠାନ ନଥିଲେ ବା ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତାଧାରୀ ବ୍ୟକ୍ତି ଆବଶ୍ୟକ ସଂଖ୍ୟାରେ ଉପଲବ୍ଧ ହେଉନଥିଲେ, ଶିକ୍ଷକଙ୍କ ପାଇଁ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା କମାଇବାକୁ ସମ୍ପୃକ୍ତ ରାଜ୍ୟ ସରକାର ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରୀ ହେବାର ବର୍ଷକ ମଧ୍ୟରେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିପାରିବେ । କେନ୍ଦ୍ର ସରକାର ବିଜ୍ଞପ୍ତି ପ୍ରକାଶନ ଜରିଆରେ ସର୍ବାଧିକ ତିନି ବର୍ଷ ପାଇଁ ଶିକ୍ଷାଗତ ଯୋଗ୍ୟତା ହ୍ରାସ କରିପାରିବେ । ମାତ୍ର ନିଯୁକ୍ତି ପାଇଥିବା କମ୍ ଶିକ୍ଷାଗତ ଯୋଗ୍ୟତାର ଶିକ୍ଷକମାନେ ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରୀର ୫ ବର୍ଷ ମଧ୍ୟରେ ଶୈକ୍ଷିକ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ହାସଲ କରିବେ । ଶିକ୍ଷା



ଟିପ୍ପଣୀ

ଅଧିକାର ଆଇନ କାର୍ଯ୍ୟକାରୀ ହେବାର ୬ ମାସ ମଧ୍ୟରେ ନିଯୁକ୍ତ ଶିକ୍ଷକଙ୍କ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଉଚ୍ଚ ମାଧ୍ୟମିକ ବା ସମତୁଲ୍ୟ ଶ୍ରେଣୀରେ ଉତ୍ତିର୍ଣ୍ଣ ହୋଇଥିବା ବାଞ୍ଛନୀୟ। ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରୀ ହେବା ସମୟରେ ଜଣେ ଶିକ୍ଷକଙ୍କ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ନଥିଲେ, ପାଂଚ ବର୍ଷ ମଧ୍ୟରେ ଶିକ୍ଷାଗତ ଯୋଗ୍ୟତା ହାସଲ ପାଇଁ ବିଦ୍ୟାଳୟ ପରିଚାଳନା କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇପାରିବେ।

**ନିଜ ପ୍ରଗତିକୁ ପରଖି ଦେଖ-୭**

୧- ଶିକ୍ଷା ଅଧିକାର ଆଇନ ଅଧୀନରେ ସ୍ୱୀକୃତି ପାଇବା ପାଇଁ କୌଣସି ଏକ ଘରୋଇ ବିଦ୍ୟାଳୟ କେଉଁସବୁ ସର୍ତ୍ତ ପୂରଣ କରିବା ଆବଶ୍ୟକ ?

-------------------------------------------------------

-------------------------------------------------------

-------------------------------------------------------

୨- ମୌଳିକ ସୁବିଧାରୁ ବଞ୍ଚିତ ପିଲାଙ୍କୁ କୌଣସି ଘରୋଇ ଅଣଅନୁଦାନପ୍ରାପ୍ତ ବିଦ୍ୟାଳୟ କାହିଁକି ନାମଲେଖାଇବାକୁ ସୁଯୋଗ ଦିଏ ?

-------------------------------------------------------

-------------------------------------------------------

-------------------------------------------------------

୩- କୌଣସି ବିଦ୍ୟାଳୟ ଜଣେ ବିଦ୍ୟାର୍ଥୀକୁ ନାମଲେଖାଇବା ସୁଯୋଗରୁ ବଞ୍ଚିତ କରିପାରିବ କି ?

-------------------------------------------------------

-------------------------------------------------------

-------------------------------------------------------

୪- କୌଣସି ବିଦ୍ୟାଳୟରେ ଯୋଗ୍ୟତାପ୍ରାପ୍ତ ଶିକ୍ଷକଙ୍କୁ କାହିଁକି ନିଯୁକ୍ତି ପ୍ରଦାନ କରାଯାଏ ?

-------------------------------------------------------

-------------------------------------------------------

-------------------------------------------------------



ଟିପ୍ପଣୀ

## ୭.୬ ଫଳପ୍ରଦ ପରିଚାଳନା ତଥା କ୍ଷମତା ନିର୍ମାଣ ପାଇଁ ନେଟ୍‌ୱର୍କିଂ

ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ (UNDP) ଅନୁସାରେ 'କ୍ଷମତା' କହିଲେ ବ୍ୟକ୍ତି, ଅନୁଷ୍ଠାନ ବା ସମିତିର କାର୍ଯ୍ୟ, ସମସ୍ୟାର ସମାଧାନ ଏବଂ ଲଗାତର ଭାବରେ ଲକ୍ଷ୍ୟ ଧାର୍ଯ୍ୟ ଓ ହାସଲ କରିବାର ଦକ୍ଷତାକୁ ବୁଝାଏ। 'କ୍ଷମତା ନିର୍ମାଣ' ବା 'କ୍ଷମତା ବିକାଶ' ଶବ୍ଦର ପ୍ରୟୋଗ ମଣିଷ ବା ଅନୁଷ୍ଠାନର କ୍ଷମତା ପରିପ୍ରକାଶ ଅର୍ଥରେ ପ୍ରୟୋଗ କରାଯାଏ। କ୍ଷମତା ନିର୍ମାଣର ଉପଯୁକ୍ତ ଉଦାହରଣ ହେଲା ବିକାଶୋନ୍ମୁଖୀ ରାଷ୍ଟ୍ରରେ ସମୁଦାୟ କାର୍ଯ୍ୟକର୍ତ୍ତାଙ୍କ ପାଇଁ ଜଳ, କୃଷିକାର୍ଯ୍ୟ, ପୋଷଣ, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ପ୍ରଶିକ୍ଷଣ ପ୍ରଦାନ କରିବା। ଭିନ୍ନ ଭିନ୍ନ ସଂସ୍ଥା ଓ ସଂଗଠନ ଯଥା- ସ୍ଥାନୀୟ ଗୋଷ୍ଠୀ ସମୂହ କ୍ଷମତା ନିର୍ମାଣ କାର୍ଯ୍ୟକ୍ରମ ପ୍ରଦାନରେ ଉଲ୍ଲେଖନୀୟ ଅଟନ୍ତି। ଆଭ୍ୟନ୍ତରୀଣ ପରିଚାଳନା ଢାଂଚା, ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ଏବଂ ନେଟ୍‌ୱର୍କିଂ କ୍ଷମତା ନିର୍ମାଣର ଗୋଟିଏ ଗୋଟିଏ ମାଧ୍ୟମ।

### ୭.୬.୧ UEE ପରିଚାଳନାରେ ସୂଚନା ଓ ଯୋଗାଯୋଗ ଜ୍ଞାନକୌଶଳ (ICT)ର ପ୍ରୟୋଗ

ସୂଚନା ଓ ଯୋଗାଯୋଗ ଜ୍ଞାନକୌଶଳ (ICT), UEE ପରିବେଷଣକୁ ଫଳପ୍ରଦ କରିବା ପାଇଁ ଯୋଗାଯୋଗ, ଉତ୍ପାଦନ, ମହଜୁଦିକରଣ, ପରିଚାଳନ ତଥା ବିତରଣ ନିମନ୍ତେ ବ୍ୟବହୃତ କୌଶଳ ଅଟେ। ସ୍କୁଲ୍‌ନେଟ୍ ପାଇଁ ଅନ୍‌ଲାଇନ୍‌ରେ ଉପଭୋକ୍ତାଙ୍କ ଯୋଗାଯୋଗ, ସହଭାଗିତା ଏବଂ ସୂଚନା ବିନିମୟ ବିଶେଷ ଗୁରୁତ୍ୱପୂର୍ଣ୍ଣ। ଏହି ପ୍ରସଙ୍ଗରେ (ICT) କହିଲେ କମ୍ପ୍ୟୁଟର, କମ୍ପ୍ୟୁଟର ନେଟ୍‌ୱର୍କ, ଇଣ୍ଟରନେଟ୍, ଟେଲିଫୋନ୍, ଟେଲିଭିଜନ୍, ରେଡିଓ ଏବଂ ଦୃଶ୍ୟ-ଶ୍ରାବ୍ୟ ଉପକରଣ ଏବଂ ନେଟ୍‌ୱର୍କ ଓ ଇଣ୍ଟରନେଟ୍ ବ୍ୟବହାର ଯନ୍ତ୍ର (PDA-ପର୍ସନାଲ୍ ଡିଜିଟାଲ ଆସିଷ୍ଟାଣ୍ଟ ଏବଂ ମୋବାଇଲ) ର ପ୍ରୟୋଗକୁ ବୁଝାଏ।

ଯେଉଁମାନେ ସହଜରେ ଓ ସ୍ୱଳ୍ପ ମୂଲ୍ୟରେ ICT ଓ ଯୋଗାଯୋଗ ନେଟ୍‌ୱର୍କ ପାଇବାରେ ସକ୍ଷମ ସେମାନେ ସମ୍ପୂର୍ଣ୍ଣଭାବେ ସାମିଲ ହୋଇଥାନ୍ତି, ମାତ୍ର ଯେଉଁମାନେ ଏହା ପାଇବାରେ ଅକ୍ଷମ ହୁଅନ୍ତି, ସେମାନେ କମ୍ ବିନିଯୋଗ କରିଥାନ୍ତି ବା ଆଦୌ କରିପାରିନଥାନ୍ତି। ପରନ୍ତୁ



ଟିପ୍ପଣୀ

ICT ଭିତ୍ତିଭୂମି ଏବଂ ଉପକରଣ ଉପଲବ୍ଧ ବୋଲି ସର୍ବଦା ମନେକରାଯାଇଥାଏ । ICTର ଏହି ସବୁ ବିଭିନ୍ନ ପ୍ରକାର ଉପଯୋଗୀ କାର୍ଯ୍ୟକୁ ଅଧିକାଂଶ ସମୟରେ 'ଡିଜିଟାଲ ଡିଭାଇଡ୍' କୁହାଯାଏ ।

ICT ବ୍ୟବହାରର ତିନିଟି ଆଧାର/ଚାଳକ ହେଲା ଭାଷା (ଇଣ୍ଟରନେଟ୍‌ରେ ବହୁଳ ଭାବେ ବ୍ୟବହୃତ ହେଉଥିବା ଭାଷାର ବ୍ୟବହାର କ୍ଷମତା), ସାକ୍ଷରତା (ସ୍ୱତନ୍ତ୍ରଭାବେ ଅଧ୍ୟୟନ ସଂସ୍କୃତି) ଏବଂ ଶିକ୍ଷଣ (ଶୈକ୍ଷିକ ସ୍ତର) । ଜ୍ଞାନ ଭିତ୍ତିକ ସମାଜ, ଅର୍ଥନୈତିକ ଅଭିବୃଦ୍ଧି ଓ ପ୍ରଗତି କ୍ଷେତ୍ରରେ ଶିକ୍ଷା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ବ୍ୟକ୍ତିକୁ ସମାଜ ଓ ଅର୍ଥନୀତିରେ ଜଣେ ଦକ୍ଷ ଅଂଶୀଦାର କରିବାରେ ଶିକ୍ଷା କେବଳ ଏକ ମାଧ୍ୟମ ନୁହେଁ, ଏହା ICT ବ୍ୟବହାର ବିସ୍ତାର କରିବାରେ ଏକ ମୁଖ୍ୟ ଚାଳକ ମଧ୍ୟ । ICTର ବିକାଶ ଅଧିକାଂଶ ଜ୍ଞାନ ଓ ସୂଚନା ବିନିମୟର ଏକ ପରିବେଶ ନିର୍ମାଣ କରେ ଏବଂ ସେହିସବୁ ସୂଚନା ବିତରଣ (ବଣ୍ଟନ ବା ବିନିମୟ) ଯୋଗୁ ଅଧିକ ଜ୍ଞାନ ସୃଷ୍ଟି ହୋଇଥାଏ ।

ICTର ଉପଯୋଗ ଶିକ୍ଷା ସମ୍ପର୍କିତ ଅନେକ ସମସ୍ୟା ସମାଧାନରେ ସହାୟକ ହୋଇଥାଏ ଯେପରି-ପ୍ରାଶାସନିକ ତଥା ଶିକ୍ଷାଦାନ ଦକ୍ଷତା ବୃଦ୍ଧି, କେତେକ ବିଶେଷ କ୍ଷେତ୍ର (ପାଠ୍ୟ ପୁସ୍ତକ, ଶିକ୍ଷକ, ଶିକ୍ଷଣ ଓ ସହାୟକ ସାମଗ୍ରୀ)ର ସମ୍ବଳ ପ୍ରସ୍ତୁତି, ସମାନତା ସଂକ୍ରାନ୍ତ ସମସ୍ୟା ଏବଂ ନୂତନ ଶିକ୍ଷା ପଦ୍ଧତିରେ ଆସୁଥିବା ଆହ୍ୱାନଗୁଡ଼ିକର ସମ୍ମୁଖୀନ ହେବା ପାଇଁ କମ୍ ଯୋଗ୍ୟତାର ଶିକ୍ଷକଙ୍କୁ ସହାୟତା ପ୍ରଦାନ ।

### ୭.୬.୨ ସ୍କୁଲ୍ ନେଟ୍ (School Net) କ'ଣ ?

ସ୍କୁଲ୍ ନେଟ୍ ବିଦ୍ୟାଳୟଗୁଡ଼ିକୁ ଇଣ୍ଟରନେଟ୍ ଜରିଆରେ ସଂଯୋଜିତ କରି ପ୍ରାରମ୍ଭିକ ଶିକ୍ଷା ନିମନ୍ତେ ଏକ ସୂଚନା ପରିଚାଳନା ବ୍ୟବସ୍ଥା ବିକଶିତ କରିବାରେ ସହାୟତା କରିଥାଏ, ଯାହା ଦ୍ୱାରା ବିଭିନ୍ନ ବିଦ୍ୟାର୍ଥୀ, ବିଦ୍ୟାଳୟ, ଶିକ୍ଷକ, ପ୍ରାଶାସନିକ ସଂସ୍ଥା, ଅଭିଭାବକ ଓ ସାଧାରଣ ଜନତା ପରସ୍ପର ସହ ସମ୍ପର୍କ ସ୍ଥାପନ କରିପାରନ୍ତି ଏବଂ ସୂଚନା ଓ ସାଧନର ପାରସ୍ପରିକ ଆଦାନ ପ୍ରଦାନ କରିପାରନ୍ତି । ସ୍କୁଲ୍ ନେଟ୍ ନେଟ୍‌ୱର୍କରେ ସଂଯୁକ୍ତ ଶୈକ୍ଷିକ ପ୍ରତିଷ୍ଠାନର ପରିଚାଳନାକୁ



ଟିପ୍ପଣୀ

ଫଳପ୍ରଦ ଓ ଦକ୍ଷ କରିଥାଏ। ସ୍କୁଲ୍ ନେଟ୍ ବିଦ୍ୟାଳୟ ଶୈକ୍ଷିକ ପ୍ରାଶାସନିକ ବ୍ୟବସ୍ଥାର ICT ଆଧାରିତ ଇ-ପରିଚାଳନା ନିମନ୍ତେ ଅନ୍ତର୍ଜାତୀୟ ସ୍ତରରେ ମାନ୍ୟତା ପ୍ରାପ୍ତ ହୋଇଛି।

ସାଂଗଠନିକଭାବେ ସ୍କୁଲ୍ ନେଟ୍ ବିଭିନ୍ନ ବିଭିନ୍ନ ପ୍ରକାର ରୂପରେ ଉପଲବ୍ଧ। ଏହା ସରକାରୀ ବିଭାଗ, ବେସରକାରୀ ସଂଗଠନ, ଏକ ଘରୋଇ କମ୍ପାନୀ ବା ଏକ ବିଦ୍ୟାଳୟରେ ଏକ କାର୍ଯ୍ୟକ୍ରମଭାବେ ପରିଚିତ। UEE ସଂକ୍ରାନ୍ତରେ ସୂଚନା ପାଇବା ପାଇଁ ଏହା ବିଶ୍ୱର କୋଣ ଅନୁକୋଣରେ ଥିବା ସବୁ ଅଂଶୀଦାରଙ୍କୁ ସକ୍ଷମ କରାଏ । ବିଦ୍ୟାଳୟରେ ICT ବ୍ୟବହାର ବୃଦ୍ଧି ଓ ସହାୟତା ପାଇଁ ସ୍କୁଲ୍ ନେଟ୍ ଏକ ଜାତୀୟ ବା ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମ ।

ସ୍କୁଲ୍ ନେଟ୍ ପୃଥକ୍ ପୃଥକ୍ ଶୈକ୍ଷିକ ପ୍ରତିଷ୍ଠାନଗୁଡ଼ିକୁ ସଂଯୋଜିତ କରେ ଏବଂ ଶୈକ୍ଷିକ ସୂଚନା ପରିଚାଳନା ବ୍ୟବସ୍ଥାର ମୂଳଦୁଆ ପକାଏ ତଥା ଶୈକ୍ଷିକ ସେବାକୁ ଅତ୍ୟନ୍ତ ଫଳପ୍ରଦ କରିବା ପାଇଁ ଡାଟାବେସ୍ ସ୍ଥାପନରେ ସହାୟକ ହୋଇଥାଏ।

### ୭.୬.୩ ସ୍କୁଲ୍ ନେଟ୍‌ର କାର୍ଯ୍ୟାବଳୀ

ସ୍କୁଲ୍ ନେଟ୍ ପ୍ରଦାନ କରୁଥିବା କେତେକ କାର୍ଯ୍ୟ, କ୍ରିୟାକଳାପ ଓ ସେବା ହେଲା:-

**ବୈଷୟିକ ସେବା**

- ସଂଯୋଗୀକରଣ ସେବା ବିଦ୍ୟାଳୟ, ସରକାରୀ ଅଧିକାରୀ, ଓ ସାଧାରଣ ଲୋକଙ୍କ ପାଇଁ ଇଣ୍ଟରନେଟ୍ ସେବାପ୍ରଦାନକାରୀ ଭାବେ (ISP) କାର୍ଯ୍ୟ କରିଥାଏ ଏବଂ ବିଭିନ୍ନ ସଂଗଠନର ଭାଗିଦାରୀକୁ ସୁଗମ କରେ।
- ବିଦ୍ୟାଳୟକୁ ଆବଶ୍ୟକ ଉପକରଣ ଯୋଗାଣ (ସରକାରୀ ଅନୁଦାନ, କୌଣସି ଦାତା ବା ଉଦ୍ୟୋଗ ପ୍ରାୟୋଜିତ ବା ଦାନରାଶି ମାଧ୍ୟମରେ କ୍ରୟ)।
- ବିଦ୍ୟାଳୟରେ ଶିକ୍ଷା ପ୍ରଦାନ ପରିଚାଳନା ପାଇଁ ଉପଯୁକ୍ତ ସଫ୍ଟୱେର ସଲ୍ୟୁସନ୍ ବିକାଶ କରିବା



ଟିପ୍ପଣୀ

**ବିଷୟବସ୍ତୁ ସଂକ୍ରାନ୍ତ ସେବା**

- ପ୍ରଶାସକ, ଶିକ୍ଷକ, ଶିକ୍ଷାର୍ଥୀଙ୍କୁ ଉପଯୁକ୍ତ ଇଣ୍ଟରନେଟ୍ ବିଷୟବସ୍ତୁ (ଆଦର୍ଶଭାବେ ଆୟୋଜିତ ଏବଂ ସହଜରେ ଖୋଜା ଯାଇ ପାରୁଥିବା)
- ସ୍ଥାନୀୟ ଭିତ୍ତିରେ ପ୍ରସ୍ତୁତ ଅନ୍‌ଲାଇନ୍ ବିଷୟବସ୍ତୁ
- ତୃଣମୂଳ ସ୍ତରରେ ବା ବୃତ୍ତିଗତ ବିଶେଷଜ୍ଞଙ୍କ ଦ୍ୱାରା ପ୍ରସ୍ତୁତ ବିଷୟବସ୍ତୁ

**ସହଯୋଗାତ୍ମକ ପ୍ରକଳ୍ପ**

- ଅନ୍ ଲାଇନ୍ ପ୍ରକଳ୍ପରେ ବିଭିନ୍ନ ସାଧନ କେନ୍ଦ୍ର ଗୁଡ଼ିକର ସାମିଲ ଏବଂ ସହଯୋଗ ସୁଗମ କରିବା
- ଦେଶବ୍ୟାପୀ ଏକ ସହଯୋଗାତ୍ମକ ପ୍ରକଳ୍ପ (ମୌଳିକ ପ୍ରକଳ୍ପ ଅଥବା ଦେଶଜ ଅନ୍ତର୍ଜାତୀୟ ପ୍ରକଳ୍ପ) ପରିକଳ୍ପନା ଓ ପ୍ରଚଳନ

**ବୃତ୍ତିଗତ ବିକାଶ**

- ICT କୌଶଳ ଏବଂ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାରେ ICTର ବ୍ୟବହାର ଦ୍ୱାରା ପାଠ୍ୟକ୍ରମ ଏକତ୍ରିକରଣ ସଂକ୍ରାନ୍ତରେ କାର୍ଯ୍ୟରତ ଶିକ୍ଷକଙ୍କୁ ତାଲିମ ପ୍ରଦାନ

**ପରୀକ୍ଷାକରଣ, ନବୀକରଣ ଓ ଯୁକ୍ତି ବ୍ୟାଖାନ**

- ବିଭିନ୍ନ ପରିବେଶ ଓ ପରିସ୍ଥିତି ସଂକ୍ରାନ୍ତରେ ଅଗ୍ରଣୀ ପ୍ରକଳ୍ପ ଆୟୋଜନ
- ଶିକ୍ଷାଦାନ ସମ୍ପର୍କିତ ସର୍ବୋତ୍ତମ ନିୟମାବଳୀର ବିକାଶ ଓ ପ୍ରସାର
- ନିତି ପରିବର୍ତ୍ତନ ସଂକ୍ରାନ୍ତରେ ଅଭିଜ୍ଞତା ଆଧାରରେ ବିଭିନ୍ନ ସ୍ତରରେ ପରାମର୍ଶ ଓ ଅଗ୍ରଣୀ ପ୍ରକଳ୍ପ ଓ ସର୍ବୋତ୍ତମ ଜ୍ଞାନ ସପକ୍ଷରେ ଯୁକ୍ତି ଉପସ୍ଥାପନ
- ଶୈକ୍ଷିକ ଜ୍ଞାନକୌଶଳ ପ୍ରୟୋଗରେ ନୂତନତାକୁ ପ୍ରୋତ୍ସାହନ ଓ ସମର୍ଥନ କରିବା

**ବିଦ୍ୟାଳୟ ଓ ସାଧନ ପରିଚାଳନା**

- ନିଷ୍ପତ୍ତି ଗ୍ରହଣ ନିମନ୍ତେ ଆବଶ୍ୟକ ସୂଚନା ଯୋଗାଣ
- ନୀତି ନର୍ଦ୍ଧାରଣ ପାଇଁ ସୂଚନା ସହାୟତା ପ୍ରଦାନ



ଟିପ୍ପଣୀ

### ୭.୬.୪ ସ୍କୁଲ୍ ନେଟ୍ : ଏକ ଶିକ୍ଷା ପରିଚାଳନା ସୂଚନା ବ୍ୟବସ୍ଥା

ICT ବିଦ୍ୟାଳୟର ଦକ୍ଷତା ବୃଦ୍ଧି ଏବଂ ତଥ୍ୟ ସଂଗ୍ରହ ତ୍ୱରାନ୍ୱିତ କରିବାରେ ଆଶାଜନକ ବୃଦ୍ଧି କରିଥାଏ ଏବଂ ପ୍ରାଶାସନକ କାର୍ଯ୍ୟରେ ବିନିଯୋଗ ଉଦ୍ୟମର ପରିଣାମ ହ୍ରାସ କରିଥାଏ। ପ୍ରଶାସନିକ କାର୍ଯ୍ୟଭାର ହ୍ରାସ ବା ସୂଚନାର ବହୁଳ ଉପଯୋଗ କ୍ଷେତ୍ରରେ ICT ଉପକରଣ ଓ ବ୍ୟବସ୍ଥାର ପ୍ରତ୍ୟେକ୍ଷ ମୂଲ୍ୟ ରହିଛି। ବିଶେଷକରି ପରିବର୍ତ୍ତନ ପରିଚାଳନା କାର୍ଯ୍ୟନୀତି ପାଇଁ ICT ଉଲ୍ଲେଖନୀୟ କାର୍ଯ୍ୟ କରିଥାଏ ।

ସ୍କୁଲ୍ ନେଟ୍ ବିଦ୍ୟାଳୟ ପରିସରରେ କାର୍ଯ୍ୟାକାରୀ ହେଲେ ପରିବେଶର ସବୁକିଛି ବଦଳିଯାଏ। ICT କୌଶଳ ବିଭିନ୍ନ କ୍ଷେତ୍ରରେ ପ୍ରୟୋଗ କରାଯାଇଥାଏ। ମୌଳିକ ପ୍ରୟୋଗ ଯେମିତି କି ଇ-ମେଲ୍ ପ୍ରେରଣ ଏବଂ ଉଚ୍ଚତର ପ୍ରୟୋଗ ଯଥା-ବିଭିନ୍ନ ଉତ୍ସରୁ ସୂଚନା ଓ ତଥ୍ୟ ଠାବ, ମୂଲ୍ୟାୟନ, ସମୀକ୍ଷଣ ଏବଂ ଏକତ୍ରକରଣ ଇତ୍ୟାଦି କାର୍ଯ୍ୟ ସମ୍ପାଦିତ ହୋଇଥାଏ। ପରିଚାଳନାର ସବୁ କ୍ଷେତ୍ରରେ ଏହି ଉଚ୍ଚତର ପ୍ରୟୋଗ ବ୍ୟବହୃତ ହୋଇଥାଏ।

## ୭.୭ ବିତ୍ତ ବ୍ୟବସ୍ଥାର ସ୍ୱରୂପ

ସର୍ବ ଶିକ୍ଷା ଅଭିଯାନ(SSA)ର କାର୍ଯ୍ୟାନ୍ୱୟନ ପାଇଁ ଭାରତ ସରକାର ବିଶ୍ୱ ବ୍ୟାଙ୍କ, ବ୍ରିଟେନ ସରକାର ପ୍ରମୁଖଙ୍କଠାରୁ ବୈଦେଶିକ ବିକାଶ ସହାୟତା ପାଉଛନ୍ତି। ଏଣୁ ବିଭିନ୍ନ ଯୋଜନା ବାବଦକୁ ସହାୟତା ପ୍ରଦାନ ସମୟରେ ସମସ୍ତ ଆଇନକାନୁନକୁ ଅନୁପାଳନ କରିବାକୁ ପଡେ। ବିଦେଶୀ ପାଣ୍ଠିଯୋଗାଣକାରୀମାନେ ପାଣ୍ଠି ଯୋଗାଣ ପ୍ରସଙ୍ଗରେ ସମୟକୁ ସମୟ ରଖୁଥିବା ସର୍ତ୍ତାବଳୀକୁ ମଧ୍ୟ ପାଳନ କରାଯାଇଥାଏ। ବିଶେଷକରି ବିଦ୍ୟାଳୟ, ଗାଁ, ବସ୍ତି, ବ୍ଲକ୍, ଜିଲା ଓ ରାଜ୍ୟ ସ୍ତରରେ କାର୍ଯ୍ୟକାରୀ ପ୍ରକଳ୍ପର ପରବର୍ତ୍ତୀ କିସ୍ତି ପାଇବା ପାଇଁ ସମ୍ପୃକ୍ତ ପ୍ରକଳ୍ପର ସ୍ଥିତି ଏବଂ ଖର୍ଚ୍ଚ ବିବରଣୀ ସମ୍ପୃକ୍ତ ଅନ୍ତର୍ଜାତୀୟ ସଂସ୍ଥାକୁ ଦେବାକୁ ପଡ଼ିଥାଏ।

### ଖର୍ଚ୍ଚ ଭାଗିଦାରୀ ବ୍ୟବସ୍ଥା

ସର୍ବ ଶିକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନ୍ତର୍ଗତ ବିତ୍ତୀୟ ସହାୟତା ଖର୍ଚ୍ଚ ଭାଗିଦାରୀ ବ୍ୟବସ୍ଥା ଉପରେ ଆଧାରିତ। ନବମ ପଂଚବାର୍ଷିକ ଯୋଜନାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ୮୫:୧୫

ଅନୁପାତରେ ଅର୍ଥ ଆବଣ୍ଟିତ ହେଉଥିଲାବେଳେ ଦଶମ ପ*ବାର୍ଷିକ ଯୋଜନାରେ ୭୫:୨୫ ଏବଂ ତା' ପରବର୍ତ୍ତୀ ସମୟରେ ୫୦:୫୦ ହାରରେ ଆବଣ୍ଟିତ ହେଉଛି। UEE ପାଇଁ ଅର୍ଥ ବ୍ୟବସ୍ଥା କରିବାରେ ରାଜ୍ୟ ସରକାରଙ୍କ ଅଧିକ ଭାଗିଦାରୀ ଓ ଦାୟିତ୍ୱ ଆଶା କରାଯାଉଛି। ବ୍ୟୟ ଭାର ବହନ ସଂକ୍ରାନ୍ତ ଲିଖିତ ପ୍ରତିଶ୍ରୁତି ରାଜ୍ୟ ସରକାରମାନେ ଦେଉଛନ୍ତି।

### ରାଜ୍ୟ କାର୍ଯ୍ୟାନ୍ୱୟନ ସମିତି

ସର୍ବଶିକ୍ଷା ଅଭିଯାନ ପାଇଁ ଅନୁଦାନ ପାଇବାକୁ ରାଜ୍ୟ କାର୍ଯ୍ୟାନ୍ୱୟନ ସମିତିକୁ ଏକ ଦାତବ୍ୟ ଅନୁଷ୍ଠାନଭାବେ ପଞ୍ଜିକରଣ କରିବା ରାଜ୍ୟ ସରକାରମାନଙ୍କ ପାଇଁ ଅନିବାର୍ଯ୍ୟ ଅଟେ। ଭାରତ ସରକାର ଏହି ପ୍ରକାର ଅନୁଦାନ କେବଳ ରାଜ୍ୟ ସରକାର ଅଥବା କେନ୍ଦ୍ରଶାସିତ ଅ*ଳକୁ ପ୍ରଦାନ କରିଥାନ୍ତି। ରାଜ୍ୟ ସରକାର ଏହାକୁ କିସ୍ତି (ପ୍ରଥମ ବ୍ୟତୀତ) ଆକାରରେ ପ୍ରଦାନ କରିଥାନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଂଶର ପୂର୍ବ କିସ୍ତି କାର୍ଯ୍ୟାନ୍ୱୟନ ସମିତିକୁ ହସ୍ତାନ୍ତର ପରେ ରାଜ୍ୟ ସରକାର ପରବର୍ତ୍ତୀ କିସ୍ତି ପ୍ରଦାନ କରିଥାନ୍ତି।

ସର୍ବ ଶିକ୍ଷା କାର୍ଯ୍ୟକ୍ରମ ଯୋଜନାରେ ନିଯୁକ୍ତ ଶିକ୍ଷକଙ୍କ ବେତନ ସହାୟତା ବାବଦ ଅର୍ଥ ନବମ ପଂଚବାର୍ଷିକ ଯୋଜନାରେ କେନ୍ଦ୍ର ଓ ରାଜ୍ୟ ସରକାର ୮୫:୧୫ ହାରରେ ବହନ କରୁଥିଲାବେଳେ ଦଶମ ପଂଚବାର୍ଷିକ ଯୋଜନାରେ ୭୫:୨୫ ଏବଂ ପରବର୍ତ୍ତୀ ସମୟରେ ୫୦:୫୦ ହାରରେ ବହନ କରୁଛନ୍ତି।

ପ୍ରାଥମିକ ଶିକ୍ଷାକୁ ପୋଷଣ ସହାୟତା ବାବଦ ଜାତୀୟ ଯୋଜନା (ମଧ୍ୟାହ୍ନ ଭୋଜନ ଯୋଜନା) ସର୍ବ ଶିକ୍ଷା ଅଭିଯାନର ଅଂଶ ନୁହେଁ। ଖାଦ୍ୟ ଶସ୍ୟ ଏବଂ ସ୍ୱତନ୍ତ୍ର ପରିବହନ ଖର୍ଚ୍ଚ ସମ୍ପ୍ରତି କେନ୍ଦ୍ର ସରକାର ବହନ କରୁଥିଲାବେଳେ ରନ୍ଧା ଖାଦ୍ୟ ବାବଦ ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି। ପ୍ରାରମ୍ଭିକ ଶିକ୍ଷା ବାବଦରେ ସମ୍ପ୍ରତି ପ୍ରଚଳିତ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନା (ଜାତୀୟ ବାଲ୍ ଭବନ ଓ NCTE ବ୍ୟତୀତ) ନବମ ପଂଚବାର୍ଷିକ ଯୋଜନା ପରଠାରୁ ସର୍ବ ଶିକ୍ଷା ଅଭିଯାନ ଯୋଜନାରେ ସାମିଲ୍ ହୋଇଛି।

ଜିଲା ଶିକ୍ଷା ଯୋଜନା ପାଇଁ ବିଭିନ୍ନ ଯୋଜନା ଯଥା-ପ୍ରଧାନମନ୍ତ୍ରୀ ଗ୍ରାମୋଦୟ ଯୋଜନା, ଜବାହାର ଗ୍ରାମ ସମୃଦ୍ଧି ଯୋଜନା, ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା, ସୁନିଶ୍ଚିତ ରୋଜଗାର



ଟିପ୍ପଣୀ

ଯୋଜନା, ସାଂସଦ/ବିଧାୟକଙ୍କ ଆ*ଳିକ ବିକାଶ ପାଣ୍ଠି, ରାଜ୍ୟ ଯୋଜନା, ବିଦେଶୀ ପାଣ୍ଠି (ଯଦି କିଛି ଥାଏ) ଏବଂ ବେସରକାରୀ ସଂଗଠନ ଦ୍ୱାରା ସମ୍ବଳ ସୃଷ୍ଟି ଜରିଆରେ ମିଳୁଥିବା ପାଣ୍ଠି/ସଂସାଧନକୁ ସ୍ପଷ୍ଟଭାବେ ଦର୍ଶାଇବା ଆବଶ୍ୟକ। ଉପଲବ୍ଧ ପାଣ୍ଠିକୁ ବିଦ୍ୟାଳୟ କୋଠାର ଆଧୁନିକୀକରଣ, ଜଗାରଖା ଏବଂ ମରାମତି ବାବଦରେ ବ୍ୟୟ କରାଯିବା ଆବଶ୍ୟକ। ଶିକ୍ଷାଦାନ-ଶିକ୍ଷଣ ଉପକରଣ, ସ୍ଥାନୀୟ ପରିଚାଳନା କମିଟିର କ୍ଷମତା ନିର୍ମାଣ ଉପଯୁକ୍ତ ସମୟରେ ଗ୍ରାମ୍ୟ ଶିକ୍ଷା  କମିଟି/ବିଦ୍ୟାଳୟ ପରିଚାଳନା କମିଟି/ଗ୍ରାମ ପଂଚାୟତ/NGOକୁ ହସ୍ତାନ୍ତର କରାଯିବା ଆବଶ୍ୟକ। ଗାଁ/ବିଦ୍ୟାଳୟ ସ୍ତରୀୟ କମିଟି ଯୋଜନାରେ ଉଲ୍ଲିଖିତ ନିୟମ ଅନୁସାରେ ପାଣ୍ଠି କିପରି ସଦୁପଯୋଗ ହୋଇପାରିବ ନିଷ୍ପତ୍ତି ନିଏ।

**ନିଜ ପ୍ରଗତିକୁ ପରଖି ନିଅ-୮**

୧- UEE ଅଧୀନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ କେଉଁ ହାରରେ ବିତ୍ତୀୟ ଦାୟିତ୍ୱ ର ଭାଗିଦାରୀ କରାଯାଏ ?

---------------------------------------------------------------

---------------------------------------------------------------

---------------------------------------------------------------

୨- UEE କାର୍ଯ୍ୟାନ୍ୱୟନରେ ବିଭିନ୍ନ ଯୋଜନାର ପାଣ୍ଠି ଆଗମନ ଓ ସମ୍ମିଶ୍ରଣ କିପରି ହୁଏ ଉଦାହରଣ ଦିଅ ?

---------------------------------------------------------------

---------------------------------------------------------------

---------------------------------------------------------------

**କ୍ରିୟାକଳାପ-୧**

- ନିଜ ବିଦ୍ୟାଳୟର ସଂଖ୍ୟାଲଘୁ ଛାତ୍ରୀଙ୍କ ପଞ୍ଜିକରଣ ବୃଦ୍ଧି ଏବଂ ସେମାନଙ୍କୁ ବିଦ୍ୟାଳୟରେ ଧରି ରଖିବାର ଏକ ଯୋଜନା ପ୍ରସ୍ତୁତ କର।

---------------------------------------------------------------

---------------------------------------------------------------

---------------------------------------------------------------



ଟିପ୍ପଣୀ

**କ୍ରିୟାକଳାପ-୨**

- କ୍ରିୟାକଳାପ-୧ ନିମନ୍ତେ ଏକ ବଜେଟ ପ୍ରସ୍ତୁତ କର ?

  ---------------------------------------------------------------

  ---------------------------------------------------------------

  ---------------------------------------------------------------

- ତୁମେ ପ୍ରସ୍ତୁତ କରିଥିବା ଯୋଜନା ଓ ବଜେଟର ଅନୁମୋଦନ ପାଇଁ କେଉଁ ଅଧିକାରୀଙ୍କ ନିକଟରେ ଦାଖଲ କରିବ ?

  ---------------------------------------------------------------

  ---------------------------------------------------------------

  ---------------------------------------------------------------

## ୭.୮ ସାରାଂଶ

ଏହି ଏକକରେ ତୁମେ ଶିକ୍ଷା ଅଧିକାର ଆଇନ UEE କାର୍ଯ୍ୟାନ୍ୱୟନକୁ ବିକେନ୍ଦ୍ରୀକୃତ କରିଥିବା ଜାଣିଲ। ତୁମେ ଆହୁରି ମଧ୍ୟ ଜାଣିଲ UEE କାର୍ଯ୍ୟାନ୍ୱୟନ ବିକେନ୍ଦ୍ରୀକରଣର କାରଣ, ବିଦ୍ୟାଳୟ, ଗାଁ, ବସ୍ତି, ବ୍ଲକ୍ ଓ ଜିଲା ସ୍ତରରେ ଅଣୁଯୋଜନା, ଏହି ସବୁ ସ୍ତରରେ ଶିକ୍ଷା ବିକାଶ ଯୋଜନାର ପ୍ରସ୍ତୁତ କର୍ତ୍ତା, ଶିକ୍ଷା ବିକାଶ ଯୋଜନାର ବିଷୟବସ୍ତୁ, ଶିକ୍ଷା ବିକାଶ ଯୋଜନାର ମୂଲ୍ୟ ନିରୂପଣ, ଯୋଜନାର ଅନୁମୋଦନ ଏବଂ ଯୋଜନା କାର୍ଯ୍ୟାନ୍ୱୟନ ତଦାରଖ ଦାୟିତ୍ୱ ଇତ୍ୟାଦି।

ଶିକ୍ଷା ଅଧିକାର ଆଇନରେ ପ୍ରାରମ୍ଭିକ ଶିକ୍ଷାର ବିକେନ୍ଦ୍ରୀକୃତ ପରିଚାଳନାରେ ଥିବା ଶାସନଗତ ସମସ୍ୟା, ଏକ ଘରୋଇ ଅନୁଦାନପ୍ରାପ୍ତ/ଅଣଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ସ୍ୱୀକୃତି ପ୍ରଦାନ ଏବଂ ଏଥି ପାଇଁ ଅନୁସୃତ ପଦ୍ଧତି ବିଷୟରେ ମଧ୍ୟ ଜାଣିଲ। ପିଲାର ଅଧିକାର ସୁରକ୍ଷା ଦାୟିତ୍ୱ ବିଦ୍ୟାଳୟର। ଏଣୁ ଏକ ବିଦ୍ୟାଳୟ କୌଣସି ପିଲାଙ୍କୁ ନାମ ଲେଖାଇବାରୁ ବଂଚିତ (ମନା କରିବା) କରିପାରିବ ନାହିଁ। ଏତଦବ୍ୟତୀତ, ସୂଚନା ଓ ଯୋଗାଯୋଗ ଜ୍ଞାନକୌଶଳ ବ୍ୟବହାର ଜରିଆରେ ନେଟ୍‌ୱର୍କିଂ କିପରି ବିଦ୍ୟାଳୟ, ବ୍ଲକ୍, ଜିଲା, ରାଜ୍ୟ ଓ ଜାତୀୟ ସ୍ତରରେ ପ୍ରାରମ୍ଭିକ



ଟିପ୍ପଣୀ

ଶିକ୍ଷାର କ୍ଷମତା ନିର୍ମାଣ ଓ ପରିଚାଳନାରେ ଲାଭଦାୟକ ହୋଇପାରିଛି ସେ ସଂକ୍ରାନ୍ତରେ ମଧ୍ୟ ଅବଗତ ହେଲ। ତୁମେ ମଧ୍ୟ ପ୍ରାରମ୍ଭିକ ଶିକ୍ଷାରେ ବିତ୍ତ ବ୍ୟବସ୍ଥାର ରୂପ ଜାଣିବାକୁ ସକ୍ଷମ ହେଲ।

## ୭.୯ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ


- Educational Planning and Management in Small States : Concepts and Experiences - By Godfrey Baldacchino, Charles Farrugia, Commonwealth Secretariat
- A Comprehensive Study of Education - By S. Samuel Ravi
- http://ssa.ap.nic.in/
- http://en.wikipedia.org/wiki/Sarva_Shiksha_Abhiyan
- http://www.educationforallinindia.com/page112.html
- http://scertdelhi.info/


## ୭.୧୦ ପାଠାନ୍ତ ପ୍ରଶ୍ନାବଳୀ

୧ - ଅଣୁ ଯୋଜନା କ'ଣ ? ତୁମ ଅଞ୍ଚଳର ଗୋଷ୍ଠୀ ମାଲିକାନାକୁ ବିଚାରକୁ ନେଇ ଅଣୁ ଯୋଜନା ସଂକ୍ରାନ୍ତରେ ଆଲୋଚନା କର ?

୨ - ତୁମ ଜିଲାର ସମସ୍ତ BRC ଓ CRCଙ୍କ ତାଲିକା ପ୍ରସ୍ତୁତ କର ଏବଂ ପ୍ରାରମ୍ଭିକ ଶିକ୍ଷାରେ BRC ଓ CRCଙ୍କ ଭୂମିକା ଓ ଉତ୍ତରଦାୟିତ୍ୱ ସମ୍ପର୍କରେ ଲେଖ।